# ୭ରୁ ଜିଲ୍ଲାର ସର୍ବପୁରାତନ ସାଂସ୍କୃତିକ ମହାମିଳନ 'ଭକ୍ତା ପର୍ବ'



**ବାରିପଦା, ୫।୪(ସମିସ)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆରମ୍ଭ ହେବାକୁ ଯାଉଛି ମୟୂରଭଞ୍ଜର ସର୍ବ ପୁରାତନ ସାଂସ୍କୃତିକ ପର୍ବ ଚୈତ୍ର ପର୍ବ ବା ଭକ୍ତା ପର୍ବ। ଚଳିତ ମାସ ୭ ତାରିଖରୁ ଏହି ପର୍ବ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସୂଚନାନୁଯାୟୀ, ଏହି ଭକ୍ତ ପର୍ବ ଚଳିତ ବର୍ଷ ସାଧାରଣ ନିର୍ବାଚନ ଯୋଗୁଁ ଲାଗୁ ହେଇଥିବା ଆଦର୍ଶ ଆଚରଣ ସଂହିତା ପାଇଁ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବରେ ପାଳନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପର୍ବର ସମ୍ପୂର୍ଣ୍ଣ ସଞ୍ଚାଳନା ଜିଲ୍ଲା ଦେବୋତ୍ତର ବିଭାଗ କରୁଥିବା ବେଳେ, ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବିଭାଗ ଯଥା ପର୍ଯ୍ୟଟନ, ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦିଙ୍କୁ ମଧ୍ୟ ଏହି ପର୍ବର ସୁପରିଚାଳନା ଦାୟିତ୍ୱ ଦିଆଯାଇଛି। ଦେବୋତ୍ତର ବିଭାଗ, ସହକାରୀ ଜିଲ୍ଲାପାଳ ମାନସୀ ତରାଇଙ୍କ ସୂଚନା ଅନୁସାରେ, ଆସନ୍ତା ୭ ତାରିଖ ଦିନ ଅପରାହ୍ଣ ୪ଟା ୩୦ ସମୟରେ ମା' ଅମ୍ବିକା ମନ୍ଦିରରେ ହାକୁଣ୍ଡା ପୂଜା ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଏହି ହବିଷାନ୍ନ କାର୍ଯ୍ୟକ୍ରମ ଚାଲିବ। ୧୧ ତାରିଖରେ କଣ୍ଟାପାଟ, ୧୨ ତାରିଖରେ ନିଆଁପାଟ, ସହିତ ଘଟଛଉ, ଭକ୍ତନୃତ୍ୟ ହେବାକୁ ଥିବାବେଳେ ୧୩ ତାରିଖ ଦିନ ଉଗ୍ରତାପ ଏବଂ ୧୪ ତାରିଖ ଦିନ ଉଡ଼ାପର୍ବ ସହିତ ଏହି ଚୈତ୍ର ତଥା ଭକ୍ତପର୍ବର ସମାପ୍ତି ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଜିଲ୍ଲା ପ୍ରଶାସନରେ କାର୍ଯ୍ୟରତ ସମସ୍ତ ଅଧିକାରୀମାନଙ୍କୁ ୭ଦିନ ବ୍ୟାପୀ ଚାଲିବାକୁ ଥିବା ଭକ୍ତ ପର୍ବରେ ନିଜର କର୍ମ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

● କଟକଣାରେ ପାଳିତ ହେବ ଚୈତ୍ର ପର୍ବ

## ୩ ଦିନ ପରିବର୍ତ୍ତେ ୨ ଦିନ

**ବାରିପଦା, ୫।୪(ସମିସ):** ଚଳିତ ବର୍ଷ ନିର୍ବାଚନ ୨୦୨୪ର ଆଦର୍ଶ ଆଚରଣ ବିଧିକୁ ଦୃଷ୍ଟିରେ ରଖି ଚୈତ୍ର ପର୍ବ ଦୁଇ ଦିନ ହେବ। ମୟୂରଭଞ୍ଜ ଜିଲ୍ଲାପାଳ ତଥା ସଭାପତି ଜିଲ୍ଲାର ଛଉନୃତ୍ୟ ପ୍ରତିଷ୍ଠାନଙ୍କ ଦ୍ୱାରା ଅନୁଷ୍ଠିତ ନ ହୋଇ ବାରିପଦାର ବହୁ ପୁରାତନ ଦୁଇ ପାରମ୍ପରିକ ଛଉଦଳ ଉତ୍ତର ସାହି ଓ ଦକ୍ଷିଣ ସାହିର ମିଳିତ ପ୍ରଚେଷ୍ଟାରେ



**୧୩ ବଦଳରେ ୬ଟି ଲେଖାଏଁ ନୃତ୍ୟ ପରିବେଷଣକୁ ଅନୁମତି**

ଚଳିତ ମାସ ୧୧, ୧୨ ଓ ୧୩ ତିନିଦିନ ପରିବର୍ତ୍ତେ ୧୨ ଓ ୧୩ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଛଉନୃତ୍ୟ ପରିବେଷଣ ହୋଇ ବନ୍ଦ କରାଯିବାର ନିଷ୍ପତି ଗ୍ରହଣ କରାଯାଇଛି। ଏଣୁ ଉକ୍ତ ପର୍ବରେ ଛଉନୃତ୍ୟ ସନ୍ଧ୍ୟା ୯ଟାରୁ ଆରମ୍ଭ ହେଇ ମଧ୍ୟରାତ୍ରରେ ଭକ୍ତାମାନଙ୍କ ଘଟଯାତ୍ରା ମଞ୍ଚକୁ ଆସିବା ପର୍ଯ୍ୟନ୍ତ ଚାଲୁ ରହିବ। ଭକ୍ତାମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯିବା ସାଙ୍ଗକୁ ନୃତ୍ୟକୁ ମଧ୍ୟ ସାଙ୍ଗ କରାଯିବ ବୋଲି ଉଭୟ ସାହିର ସମ୍ପାଦକ ଲଡୁକେଶ୍ୱର ରଣା ଓ ଲୋକନାଥ ଦାସ ମତବ୍ୟକ୍ତ କରିଛନ୍ତି। ଏହି ଦୁଇଦିନରେ ଉଭୟ ସାହି ୧୩/୧୩ ଟି ନୃତ୍ୟ ପରିବେଷଣ କରିବା ପରିବର୍ତ୍ତେ ୬/୬ଟି ନୃତ୍ୟ ପରିବେଷଣ କରି ପରମ୍ପରା ବଞ୍ଚାଇ ରଖିବା କଥା କହିଛନ୍ତି। ନିର୍ବାଚନର ଆଚରଣ ବିଧିକୁ ସମ୍ମାନ ଜଣାଇ ନିରାଡ଼ମ୍ବର ଭାବେ ଉତ୍ସବ ପାଳନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

# ଇନ୍‌ଟାକ୍ ମୟୂରଭଞ୍ଜ ଦ୍ୱାରା ଜାତୀୟ ପରିଚାଳନା ପରିଷଦ ସଦସ୍ୟଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୫।୪(ସମିସ):** ଜିଲ୍ଲା ଇନ୍‌ଟାକ ଦ୍ୱାରା ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ପ୍ରେକ୍ଷାଳୟରେ ଏକ ସ୍ୱତନ୍ତ୍ର ବୈଠକ ଆବାହକ ମେଜର୍ ଡ. ରବୀନ୍ଦ୍ର ନାଥ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇନ୍‌ଟାକ ରାଜ୍ୟ ସଂଗଠନର ସହ ଆବାହକ ତଥା ନବ ନିର୍ବାଚିତ ଜାତୀୟ ପରିଚାଳନା ପରିଷଦର ସଦସ୍ୟ ଅନୀଲ୍ ଧିର ମୁଖ୍ୟଅତିଥି ଏବଂ ଭୁବନେଶ୍ୱର ଚାପର୍ଟର ବରିଷ୍ଠ ସଦସ୍ୟ ଡ. ବିଶ୍ୱଜିତ୍ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ଆରମ୍ଭରେ ସଦସ୍ୟ କୈବଲ୍ୟ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ସମୟରେ ରାଜଲକ୍ଷ୍ମୀ ତ୍ରିପାଠୀ ବେଦମନ୍ତ୍ର ପାଠ କରିବାବେଳେ ମଞ୍ଚ ପରିଚାଳନାରେ ବାସନ୍ତୀଲତା ମହାପାତ୍ର ସହାୟତା କରିଥିଲେ। ସହ ଆବାହକ ଡ.ତରୁଣ କୁମାର ଓଝା ବିବରଣୀ ଉପସ୍ଥାପନ କରିଥିଲେ। ସଦସ୍ୟମାନେ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ବୈଠକକୁ ଓଡ଼ିଶାର ଐତିହ୍ୟ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରୁଥିବା କିଶଳୟ ରାୟ ଓ ଯାମିନୀ ମାକେଶ୍ୱରଙ୍କୁ ମୟୂରଭଞ୍ଜ ଛଉ ଉପରେ ବୃତ୍ତଚିତ୍ର ନିର୍ମାଣର ଅଭିଜ୍ଞତା ସମ୍ପର୍କରେ ଆଲୋଚନା ପାଇଁ ନିମନ୍ତ୍ରଣ କରାଯାଇଥିଲା। ପ୍ରକାଶ ଥାଉକି ସେମାନଙ୍କର କ୍ଷୁଦ୍ର ଚଳଚିତ୍ର ଆଦିବାସୀ ସୋରାଙ୍କ ଉପରେ ନିର୍ମିତ 'ଇଡି-ତାଳ' ଜାତୀୟ ଓ ଅର୍ନ୍ତଜାତୀୟ ପୁରସ୍କାର ଲାଭ କରିବେ। ମୁଖ୍ୟଅତିଥି ଶ୍ରୀ ଧିର ତାଙ୍କ ବକ୍ତବ୍ୟରେ ମୟୂରଭଞ୍ଜ ଚାପର୍ଟର କାର୍ଯ୍ୟସବୁ ଅଧ୍ୟୟନ କରି ଏହା ଏକ ମଡେଲ୍ ଚାପର୍ଟର ଭାବେ ବିବେଚିତ ହୋଇପାରିବ ବୋଲି ମତ ଦେଇଥିଲେ। ବୈଠକରେ ନବ ନିର୍ବାଚିତ ଶ୍ରୀଧିରଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ସଦସ୍ୟମାନେ ସ୍ୱରଚିତ ପୁସ୍ତକମାନ ଅତିଥିଙ୍କୁ ଉପହାର ଭାବେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଦସ୍ୟ ସରୋଜ କୁମାର ମିଶ୍ର, କାବେରୀ ମିଶ୍ର, ଗୋକୁଲ ଦାସ, ଦିଲ୍ଲୀପ କୁମାର ଦାସ, ବସନ୍ତ ପାତ୍ର, ଯତୀନ୍ଦ୍ର ନାଥ ବସା, ଜ୍ୟୋତିମୟୀ ବସା ପ୍ରମୁଖ ପରିଚାଳନାରେ ସହାୟତା କରିଥିବା ବେଳେ ସହ ଆବାହକ ଭିକାରୀ ଚରଣ ବସା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ଛାଡ଼ିଲେ କୁଡୁମୀ ନେତା ଛୋଟଲାଲ୍ ମହାନ୍ତ



**ବାରିପଦା, ୫।୪(ସମିସ):** କୁଡୁମୀ (ମହାନ୍ତ) ସମାଜର ବରିଷ୍ଠ ବିଜେପି ନେତା ଛୋଟଲାଲ ମହାନ୍ତ ବିଜେପିରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏନେଇ ଶୁକ୍ରବାର ବାରିପଦାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଛୋଟଲାଲ ଗତ ୩୮ ବର୍ଷ ଧରି ବିଜେପିର ଜଣେ ସଭ୍ୟ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ରାଜ୍ୟବ୍ୟାପୀ ପ୍ରୟାସ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ଦଳର ମୟୂରଭଞ୍ଜ ଜିଲ୍ଲାର ପ୍ରଥମ ପ୍ରଚାରକ ଭାବେ ୧୯୮୦ ମସିହାରେ ନିଜର ସାଂଗଠନିକ କାର୍ଯ୍ୟ ଆରମ୍ଭ କରିଥିଲେ। ବିଜେପି ଦଳର ବିଭିନ୍ନ ରାଜ୍ୟ ଓ ଜିଲ୍ଲା ସାଂଗଠନିକ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବର୍ତ୍ତମାନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଛୋଟଲାଲ ଦାୟିତ୍ୱରେ ରହିଥିଲେ। ସାଂଗଠନିକ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ନିର୍ବାହ କରିଥିବା ସତ୍ତ୍ୱେ ତାଙ୍କୁ ଦଳରେ ଉପେକ୍ଷା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସେ ଜିଲ୍ଲାର ଜଣେ କୁଡୁମୀ ନେତା ଭାବେ ପରିଚିତ ଥିବାବେଳେ ମୋରଡ଼ା ନିର୍ବାଚନମଣ୍ଡଳୀରୁ ବିଧାୟକ ଆଶାୟୀ ରହିଥିଲେ। କିନ୍ତୁ ଗତ ସାଧାରଣ ନିର୍ବାଚନରୁ ତାଙ୍କୁ ଟିକେଟ ପ୍ରଦାନ କରିବାରେ ଦଳ ଉପେକ୍ଷା କରିଛି। ଏପରିକି ଓଡ଼ିଶାର ୪୦ଲକ୍ଷ କୁଡୁମୀ ସମାଜର କୌଣସି ବ୍ୟକ୍ତିଙ୍କୁ ବିଜେପି ପକ୍ଷରୁ ଚଳିତ ୨୦୨୪ ନିର୍ବାଚନରେ କୌଣସି ସ୍ଥାନରୁ ନିର୍ବାଚନ ଲଢ଼ିବାର ସୁଯୋଗ ଦିଆଯାଇନାହିଁ। ଯାହାକୁ ଛୋଟଲାଲ ଦୃଢ଼ ଭାବରେ ବିରୋଧ କରି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଏବଂ ଯାଜପୁର ଜିଲ୍ଲାରେ ବସବାସ କରୁଥିବା ୪୦ ଲକ୍ଷ କୁଡୁମୀ ଜନଜାତିର ଭାଇଭଉଣୀ ତଥା ଅଞ୍ଚଳରେ ବସବାସ କରୁଥିବା ସମସ୍ତ ପଛୁଆବର୍ଗର ଗଣତାନ୍ତ୍ରିକ ସୁରକ୍ଷା ପାଇଁ ଛୋଟଲାଲ ସହିଦ୍ ରଘୁନାଥ ମହାନ୍ତଙ୍କ ତିରୋଧାନ ଦିବସରେ ଦଳର ସମସ୍ତ ପଦପଦବୀ ସମେତ ବିଜେପିର ପ୍ରାଥମିକ ସଦସ୍ୟତାରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉଦ୍ଦେଶ୍ୟରେ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ତେବେ ଆଗାମୀ ନିର୍ବାଚନରେ କୁଡୁମୀ ସମ୍ପ୍ରଦାୟର ଅଧିକାର ପାଇଁ ଛୋଟଲାଲ ସବୁ ପ୍ରକାର ଚେଷ୍ଟା କରିବେ ବୋଲି କହିଛନ୍ତି। ଅପରପକ୍ଷର ଛୋଟଲାଲ ମହାନ୍ତଙ୍କ ଇସ୍ତଫା ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ମୁଖ୍ୟପାତ୍ର କବିବିଷ୍ଣୁ ଶତପଥୀ କହିଛନ୍ତି।

## ବିଜେଡି ଛାତ୍ରନେତା ଦଳରୁ ନିଲମ୍ବିତ

**ବାରିପଦା, ୫।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ଛାତ୍ର ନେତା ତଥା ବିଜୁ ଛାତ୍ର ଜନତାଦଳର ରାଜ୍ୟ ସାଧାରଣ ସମ୍ପାଦକ ଦିବ୍ୟବ୍ରତ ମହାନ୍ତିଙ୍କୁ ଶୁକ୍ରବାର ଦଳବିରୋଧୀ କାର୍ଯ୍ୟପାଇଁ ଦଳରୁ ନିଲମ୍ବିତ କରାଯାଇଛି। ପ୍ରକାଶ ଯେ, ଗତକାଲି ବିଜେପିର ବାରିପଦା ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ରାଲିରେ ଯୋଗଦେଇଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଥିଲା।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୪ ୟୁନିଟ୍ ରକ୍ତ ସଂଗ୍ରହ



**ବାରିପଦା, ୫।୪(ସମିସ):** ସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବାରିପଦା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀଙ୍କ ଉପସ୍ଥିତିରେ ସମାଜସେବୀ ଅମର କୁମାର ସେଠୀ ଓ ପ୍ରଣବ ମହାନ୍ତି ଏହି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ଚମ୍ପାବତୀ ହାଁସଦା, ତୃପ୍ତି ମହାନ୍ତ, ଦୀପ୍ତି ମହାନ୍ତ, ପ୍ରମୋଦ କୁମାର ଡାକୁଆ, କଳ୍ପନା ଚାମ୍ପିୟାର, ଯୋଗେଶ୍ୱର ଘୋଷ ମହାପାତ୍ର, ହରପ୍ରିୟା ନାୟକ, ରୁପାଲୀ ରଚନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦାର ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ, ରକ୍ତଦାତା ଡା. ନିରୋଜ କୁମାର ପୋଥାଳ ଓ ସୋମନାଥ ସିଂହ ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନର ଉପକାରିତା ଓ ମହାନତା ଉପରେ ଆଲୋକପାତ କରିବା ସହ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଜୀବନରେ ପ୍ରଥମ ଥର ପାଇଁ ୩୨ ଜଣ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ଏହି ଶିବିରରେ ୧୬ଜଣ ମହିଳା ସମେତ ମୋଟ ୪୪ ଜଣ ରକ୍ତଦାନ କରିଥିଲେ। ଓଡ଼ିଶା ରକ୍ତକେନ୍ଦ୍ର, ବାରିପଦାର ମେଡିକାଲ ଅଫିସର ଡା. ନୀଲେଶ ଦାସଙ୍କ ନେତୃତ୍ୱରେ ରକ୍ତ ସଂଗୃହିତ ହୋଇଥିଲା। ସାଗର କୁମାର ଦଳନାୟକ, ସୁରେନ୍ଦ୍ର ଦାସ, ଆଶିଷ କୁମାର ଦାସମହାପାତ୍ର, ଦିଲ୍ଲୀପ ସିଂହ, ଅଭିମନ୍ୟୁ ବେହେରା, ସଦାଶିବ ଗିରି ଓ ତାପସ ମହାନ୍ତ ପ୍ରମୁଖ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଟିମ୍-ଏ ବିଜୟୀ

**ବାରିପଦା, ୫।୪(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୯ମ ଦିନର ମ୍ୟାଚରେ ଟିମ୍-ଏ ଓ ଟିମ୍-ଇ କୁ ୭୦ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ୍-ଏ ୨୭.୨ ଓଭରରେ ସମସ୍ତ ୱିକେଟ ହରାଇ ୧୯୦ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଜିଏନ ବିଶ୍ୱପ୍ରକାଶ ସାହୁ ୫୨ ରନ୍ କରିଥିବାବେଳେ ବିପକ୍ଷ ଦଳର କୁନାଲ କୌଶିକ ଦାସ ୩ ୱିକେଟ ଅକ୍ତିଆର କରିଥିଲେ।



ଉତ୍ତରରେ ଟିମ୍-ଇ ୨୧.୨ ଓଭରରେ ସମସ୍ତ ୱିକେଟ ହରାଇ ୧୨୦ ରନ୍ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ଅଙ୍କିତ ଅମନ ଦାଶ ୨୬ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରିୟଙ୍କ ପଟ୍ଟନାୟକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ବରିଷ୍ଠ ସଦସ୍ୟ ତଥା ଦକ୍ଷ କ୍ରୀଡ଼ା ସଂଗଠକ ନିରୋଜ କୁମାର ଦାସ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ୍ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ସନ୍ଥମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ 'ମାନବ ଧର୍ମ' ପୁସ୍ତକ ଲୋକାର୍ପିତ



**ବାରିପଦା, ୫।୪(ସମିସ)**

ବାରିପଦା ସଦ୍‌ଭାବନା ସମିତି ପକ୍ଷରୁ ଅନୁଷ୍ଠିତ ୪୫ତମ ମାନବଧର୍ମ ସମ୍ମିଳନୀରେ ରାଜ୍ୟର ମାନବଧର୍ମର ପ୍ରବର୍ତ୍ତକ ସନ୍ଥମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ ମାନବ ଧର୍ମ (ନୀତିଶିକ୍ଷା) ସର୍ବଧର୍ମର ସାର ସଂକଳନକୁ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ମୁନିଶ୍ୱର ନିରଞ୍ଜନଶାସ୍ତ୍ରୀ, ଆଚାର୍ଯ୍ୟ ବିଜୟଜୀ, ଜନାବ ଏସକେ ମୟୀନୁଲ୍ ଅଜିଜ୍ ଓ ଫାଦାର ସଞ୍ଜୟ ପରମାଣିକ ଆଦି ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ସଂକଳନକୁ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟଜୀ ସମୀକ୍ଷାକରି ସଂକଳନଟି ବିଶ୍ୱ ସମୁଦାୟର ସମଗ୍ର ମାନବ ଜାତି ପାଇଁ ଏକ ଗବେଷଣାମୂଳକ ପୁସ୍ତକ ଏବଂ ତାହା ବହୁ ଭାଷାରେ ଅନୁବାଦିତ ହେବାର ଆବଶ୍ୟକତା ରହିଛି ବୋଲି ମତାମତ ରଖିଥିଲେ। ଏହି ସଂକଳନରେ ପରମବ୍ରହ୍ମ, ଈଶ୍ୱର ଏବଂ ଭଗବାନଙ୍କ ମଧ୍ୟରେ ଅନ୍ତର, ମାନବ ଧର୍ମର ତିନିଗୁଣ ସ୍ୱାଭାବିକ-କର୍ତ୍ତବ୍ୟ ଏବଂ ସମ୍ପ୍ରଦାୟଗୁଣର ବୈଶିଷ୍ଟ୍ୟ, ଧର୍ମ ଏବଂ ଆଧ୍ୟାତ୍ମିକତା ମଧ୍ୟରେ ପାର୍ଥକ୍ୟ ବର୍ଣ୍ଣନା ହୋଇଛି। ପୁଣି ବେଦର ସଂଗଚ୍ଛଧ୍ୱଂର ଅର୍ଥ ବୁଝି ସଂଗଠନ ନାଁରେ ସେବାର ଭାବ ନ ଥାଇ ଏବଂ ପ୍ରଚାର ସର୍ବସ୍ୱ ହୋଇ ସଂଗଠନ ଗଢ଼ିବେଉସାର ନିଶାକୁ ନିନ୍ଦା, କଳ୍ପିତ ଦିଅଁଙ୍କ ପାଇଁ ମଠ ମନ୍ଦିର ପୂଜାପର୍ବକୁ ବିଳାସିତାର ମାଧ୍ୟମ ନକରି ବରଂ ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମକୁ ସେବାକାରୀ ହାତ ବଢ଼ାଇବା ମାନବିକତାର ଇସ୍ତାହାର ବୋଲି ସଂକଳନଟି ଶିକ୍ଷା ଦେଇଛି। ତତ୍‌ସହିତ ସଭାସମିତିରେ ମିଛକୁ ବାଟି ଘୋରି ଖୋଇ ପ୍ରଶଂସା ପ୍ରୟାସୀ ହୋଇ ଚର୍ଯ୍ୟା ନଥାଇ ଚର୍ଚ୍ଚା, ସମାଜ ପାଇଁ କାଣିଚାଏ ବି ଅବଦାନ ନ ଥାଇ ଆକୃତିର ମଣିଷ ପ୍ରକୃତିର ପଶୁମାନଙ୍କ ଭୁଲ ପାଇଁ ଈଶ୍ୱରଙ୍କ ଲାଠିରେ ଶବ୍ଦ ନାହିଁ ବୋଲି ସଂକଳନଟିରେ ରୋକ୍‌ଠୋକ୍ ବର୍ଣ୍ଣନା ଥିବାର ସେ ମନ୍ତବ୍ୟ ରଖି ପଥହରାମାନଙ୍କ ପାଇଁ ପୁସ୍ତକଟି ଧ୍ରୁବତାରା ସମ ସମୀକ୍ଷାୟନରେ ବକ୍ତବ୍ୟ ରଖିଥିଲେ।

# ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକ ସଂଘର ଦାବିପତ୍ର

**ବେତନଟୀ, ୫।୪(ସମିସ):** ବେତନଟୀର ବିଭିନ୍ନ ରାଷ୍ଟ୍ରାୟତ୍ତ ଏବଂ ଆଞ୍ଚଳିକ ତଥା ଗ୍ରାମୀଣ ବ୍ୟାଙ୍କ ସାଙ୍ଗକୁ ଘରୋଇ ବ୍ୟାଙ୍କ ରହିଥିବା ବେଳେ ପ୍ରବଳ ତାତି ଏବଂ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗ୍ରାହକଙ୍କ ସମସ୍ୟା ସମାଧାନ ନିମନ୍ତେ ବରିଷ୍ଠ ନାଗରିକସଂଘ ପକ୍ଷରୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ ପୂର୍ବକ ବ୍ୟାଙ୍କ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦୈନିକ ଶହଶହ ଗ୍ରାହକ ନିଜନିଜର ବିଭିନ୍ନ କାମ ନିମନ୍ତେ ବ୍ୟାଙ୍କ ଆସୁଥିବା ବେଳେ ପ୍ରବଳ ଗହଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ଖରାତାତିରୁ ରକ୍ଷା ପାଇବା ପାଇଁ ବ୍ୟାଙ୍କ ବାହାରେ ଅସ୍ଥାୟୀ ଶିବିର, ବରିଷ୍ଠନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଟଙ୍କା ଉଠାଣ ପାଇଁ ଅଧିକ କାଉଣ୍ଟର ଖୋଲିବେ। ନଚେତ କର୍ମଚାରୀ ଅଭାବରୁ ଯଦି ଏହା ସମ୍ଭବପର ହୋଇପାରୁନାହିଁ ତାହେଲେ ଆଡହକ୍ ଉପାୟରେ ମାସର କେବଳ ପ୍ରଥମ ୭ଦିନ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି। ଯେଉଥିରେ ହଜାର ହଜାର ପେନସନଭୋଗୀ ବରିଷ୍ଠ ନାଗରିକମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ ବୋଲି ବରିଷ୍ଠ ନାଗରିକସଂଘ ପକ୍ଷରୁ ସମ୍ପାଦକ ଜୟନ୍ତ କୁମାର ପଟ୍ଟନୟକ ବ୍ୟାଙ୍କ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

● ମାସର ପ୍ରଥମ ୭ଦିନ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ପ୍ରସ୍ତାବ
● ଉପକୃତହେବେ ହଜାର ହଜାର ପେନ୍‌ସନ୍‌ଭୋଗୀ

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ମହୁଲଡ଼ିହା, ୫।୪(ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଜିଆଣୀରେ ଚୈତ୍ର ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥି ତଥା ୫ ତାରିଖ ଶୁକ୍ରବାର ଅପରାହ୍ଣରେ ୨୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ମୁଖ୍ୟଅତିଥି ଭାବେ ସନ୍ତୋଷ କୁମାର ମିଶ୍ର, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଠାକୁରମୁଣ୍ଡା, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ନୂଆଦିଲ୍ଲୀର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ସାବିତ୍ରୀ ଦଳେଇ ଭାରପ୍ରାପ୍ତ ଥାନାଧିକାରିଣୀ ଠାକୁରମୁଣ୍ଡା, ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି କମଳାକାନ୍ତ ମହାନ୍ତ, ସମ୍ପାଦକ ସନାତନ ମହାନ୍ତ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ସନାତନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବ ପରିପ୍ରେକ୍ଷୀରେ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତିର ସମସ୍ତ ସଦସ୍ୟ, ଅଭିଭାବକ, ପୂର୍ବତନ ଛାତ୍ର, ବିଦ୍ୟାଳୟର ଗୁରୁଜୀ ଓ ସେବକଭାଇମାନେ ସହଯୋଗ କରିଥିଲେ। ସଭପତି କମଳାକାନ୍ତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଆଚାର୍ଯ୍ୟ କରୁଣାକର ମହନ୍ତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥଲେ।






## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କେନ୍ଦୁଝର,୫।୪(ସମିସ):** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଘଟଗାଁ ଥାନା ଅନ୍ତର୍ଗତ ବଡମଶିଣାବିଲା ଗ୍ରାମର ଅଭିଯୁକ୍ତ କମ୍ପାନୀ ପଦୁରିଆ(୫୩) କୁ ପୋକ୍ସ ଧାରା ୬ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା; ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ପୀଡିତାକୁ ୪ ଲକ୍ଷ ଟଙ୍କା ଫିକ୍ସଡ ଜମା ଆକାରରେ ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ସୁପାରିସ କରିଛନ୍ତି । କୋର୍ଟ ସୂତ୍ରରୁ ପ୍ରକାଶ ଯେ, ଗତ ୨୦୨୩ ଏପ୍ରିଲ୍ ୯ ତାରିଖରେ ଘଟଣା ଘଟିଥିଲା । ସେଦିନ ଘଟଗାଁ ଥାନା ଅଞ୍ଚଳର ପୀଡ଼ିତାର ବାପା ଓ ମାଆ ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଇଥିଲେ । ଏହି ସମୟରେ ୫ ବର୍ଷର ନାବାଳିକା ଘର ପାଖରେ ଅନ୍ୟ ସାଙ୍ଗମାନଙ୍କ ସହ ଖେଳୁଥିଲେ । ଏହାର ସୁଯୋଗରେ ଅଭିଯୁକ୍ତ ପୀଡ଼ିତାକୁ ଟେକି ନେଇ ତାର ପାଟିକୁ ଜାବୁଡି ଧରି ଦୁଷ୍କର୍ମ କରିଥିଲା । ଦୁଷ୍କର୍ମ ପରେ ସେଠାରୁ ଚାଲି ଯାଉଥିବା ସମୟରେ ଘରକୁ ଫେରୁଥିବା ପୀଡ଼ିତାର ବାପା ଓ ମାଆ ହାବୁଡରେ ଅଭିଯୁକ୍ତ ପଡିଯାଇଥିଲା । ଘରେ ପହଞ୍ଚି ଝିଅଟି ରକ୍ତାକ୍ତ ଅବସ୍ଥାରେ କାନ୍ଦୁଥିବାର ଦେଖି ତାକୁ ପଚାରିବାରୁ ସେ ସମସ୍ତ କଥା ବାପା ଓ ମାଆଙ୍କ ପାଖରେ କହିଥିଲା । ଝିଅଟିକୁ ସଂଗେ ସଂଗେ ଘଟଗାଁ ଡାକ୍ତରଖାନା ଓ ପରେ କେନ୍ଦୁଝର ଡାକ୍ତରଖାନାକୁ ପଠାଯାଇଥିଲା । ଏନେଇ ପୀଡ଼ିତାର ବାପା ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ମାମଲାର ବିଚାରକରି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତକୁ ୨୦ ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଫାଷ୍ଟଟ୍ରାକ୍ କୋର୍ଟର ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚଳନା କରୁଥିଲେ ବୋଲି ସୂଚନା ମିଳିଛି ।

● କୁଶେଇ ନଦୀରୁ ଗଳା ବାଟରେ ବାଲିଚାଲାଣ

## ପୁଲିସଠାରୁ ଟ୍ରାକ୍ଟର ଛଡ଼ାଇ ନେଲେ ମାଫିଆ



**ଆନନ୍ଦପୁର,୫।୪(ସମିସ):** କୁଶେଇ ନଦୀର ଦେଓଗାଁ ଡିହସାହି ପାର୍ଶ୍ୱରୁ ଯାଜପୁର ସୀମା ଗଳା ବାଟରେ ଚାଲିଛି ବେଧଡ଼କ ବାଲି ଚୋରାଚାଲାଣ । ଏହାକୁ ରୋକିବା ପାଇଁ ଘସିପୁରା ତହସିଲ ପକ୍ଷରୁ ହୋଇଥିବା ଚଢ଼ଉରେ ବାଲି ମାଫିଆମାନେ ତହସିଲଦାରଙ୍କ ସହିତ ମୁହାଁମୁହିଁ ହୋଇ ଟ୍ରାକ୍ଟର ଛଡାଇ ନେବା ଘଟଣାରେ ଉଦ୍‌ବେଗ ପ୍ରକାଶ ପାଇଛି । ମଦନପୁର ପଞ୍ଚାୟତର କାନପୁର ଓ ଯାଜପୁର ଜିଲ୍ଲାର ବାଦିବିଲି ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ଏଠାରୁ ନିୟମିତ ବାଲି ଚୋରାଚାଲାଣ କରାଯାଉଥିବା ଖବର ପାଇ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ଚଢଉ କରି ଗୋଟିଏ ଟ୍ରାକ୍ଟରକୁ ଜବତ କରିବା ସମୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ବାଲି ମାଫିଆମାନେ ଘଟଣାସ୍ଥଳରୁ ବାଲି ବୋଝେଇ ଟ୍ରାକ୍ଟରକୁ ଛଡାଇ ନେଇଥିଲେ । ସୂଚନାଯୋଗ୍ୟ, ଦେଓଗାଁ କୁଶେଇ ନଦୀର ଅପରପାର୍ଶ୍ୱରୁ ନିୟମିତ ବାଲି ଚୋରାଚାଲାଣ ହେଉଥିବା ବେଳେ ଯାଜପୁର ଜିଲ୍ଲାର ବହୁ ସଂଖ୍ୟାରେ ଟ୍ରାକ୍ଟର ଏଠାରୁ ବାଲି ନିୟମିତ ଚାଲାଣ କରୁଛନ୍ତି । ତହସିଲଦାର ଶ୍ରୀ ବେହେରା ପୁଲିସ ସହଯୋଗରେ ଚଢଉ କରିବା ବେଳେ ପୁଲିସ କର୍ମଚାରୀମାନେ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ । କିଛି ସମୟ ପରେ ବାଲି ମାଫିଆମାନେ ପହଞ୍ଚି ଟ୍ରାକ୍ଟରକୁ ବଳପୂର୍ବକ ଷ୍ଟାର୍ଟ କରି ନେଇଯିବା ଘଟଣା ଏବେ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି । ଏନେଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ବାଲି ଚୋରାଚାଲଣ ଉପରେ ଧରପଗଡ ପାଇଁ ଉଦ୍ୟମ ଚାଲିଛି ବୋଲି ସେ କହିଛନ୍ତି । ସେହିପରି ଆନନ୍ଦପୁର ବ୍ୟାରେଜ ନିକଟ କୁମୁଣିଆ ପାର୍ଶ୍ୱରେ ବୈତରଣୀ ନଦୀରୁ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ଫେବୃଆରୀ ୧୦ ତାରିଖରେ ଘସିପୁରା ତହସିଲ ପକ୍ଷରୁ ରାସ୍ତାରେ ଦୁଇଟି ସ୍ଥାନରେ ଟେଞ୍ଚ ଖୋଳାଯାଇଥିଲା । ଫଳରେ କିଛି ଦିନ ଧରି ବାଲି ଚାଲାଣ ବନ୍ଦ ରହିଥିଲା । ପରେ ମାଫିଆମାନେ ଅନ୍ୟ ରାସ୍ତାରେ ବାଲି ପରିବହନ କରିଥିଲେ । ତେବେ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ଆର୍‌ଆଇ ସୁଶାନ୍ତ ସାମଲ ପ୍ରମୁଖ ବ୍ୟାରେଜର ଉପରମୁଣ୍ଡ ଓ ତଳମୁଣ୍ଡରେ ଦୁଇଟି ସ୍ଥାନରେ ରାସ୍ତାରେ ଟ୍ରେଞ୍ଚ ଖୋଳିଛନ୍ତି । ବାଲି ମାଫିଆଙ୍କ କାର୍ଯ୍ୟକଳାପ ଉପରେ କଡା ନଜର ରଖାଯାଇଥିବା ତହସିଲଦାର ଶ୍ରୀ ବେହେରା କହିଛନ୍ତି ।

## ବାଇକ୍‌ରୁ ପଡ଼ି ଗ୍ୟାରେଜ୍ ମିସ୍ତ୍ରି ଗୁରୁତର



**ରାମଚନ୍ଦ୍ରପୁର,୫।୪(ସମିସ):** ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଡବାନ୍ଧଗୋଡା ଛକ ନିକଟରେ ଆଜି ସନ୍ଧ୍ୟାରେ ଏକ ଚଳନ୍ତା ବାଇକ୍‌ରୁ ଖସିପଡି ସ୍ଥାନୀୟ ଅଳତି ଗ୍ରାମର ଟ୍ରକ ଗ୍ୟାରେଜ୍ ମିସ୍ତ୍ରି ଜଳଧର ରାଉଳ(୩୫) ଗୁରୁତର ଆହାତ ହୋଇ ସ୍ଥାନୀୟ ସାଇଁକୁଳ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଦୁର୍ଘଟଣାରେ ଜଳଧରଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ କ୍ଷତ ସୃଷ୍ଟି ହୋଇଛି । ସେ ବହୁଗଡିଆ ସାପ୍ତାହିକ ହାଟ ସଉଦା ସାରି ଘରକୁ ଫେରୁଥିବା ସମୟରେ ଗଡବାନ୍ଧଗୋଡା ଛକ ନିକଟରେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ ।

ନିର୍ବାଚନ ପରିଚାଳନା ସୂଚନା ଦେଲେ ଜିଲ୍ଲାପାଳ

# ସି-ଭିଜିଲ୍‌ରେ ପ୍ରାପ୍ତ ୩୮ ଅଭିଯୋଗର ତ୍ୱରିତ୍ ସମାଧାନ

କେନ୍ଦୁଝର,୫।୪(ସମିସ)



କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଜିଲ୍ଲାର ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶାସନିକ ସ୍ତରରେ ଚାଲିଥିବା ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି । କେନ୍ଦୁଝର ଲୋକସଭା ଆସନ, ଜିଲ୍ଲାର ୬ ଗୋଟି ବିଧାନସଭା କ୍ଷେତ୍ର ଏବଂ ଏହି ସଂସଦୀୟ କ୍ଷେତ୍ରରେ ଅନ୍ତର୍ଭୁକ୍ତ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ମଣ୍ଡଳୀ ନିମନ୍ତେ ଏପ୍ରିଲ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇବ । ପ୍ରାର୍ଥୀମାନେ ନିଜର ନାମାଙ୍କନପତ୍ର ମଇ ୬ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ । ମେ' ୨୫ରେ ନିର୍ବାଚନ ଅନୁଷ୍ଠିତ ହୋଇ ୪ ତାରିଖରେ ଫଳାଫଳ ଘୋଷଣା ହେବ । ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଜିଲ୍ଲା ସ୍ତରରେ ପୁଲିସ, ଅବକାରୀ, ବନବିଭାଗ ଏବଂ ସିଟି ଓ ଜିଏସଟି ବିଭାଗର ଅଧିକାରୀଙ୍କୁ ନେଇ ବିଭିନ୍ନ ସ୍କ୍ୱାର୍ଡ ଗଠନ କରାଯାଇ ଖିଲାପକାରୀଙ୍କୁ ଧରିବା ଲାଗି ଜୋରସୋର ଧରପଗଡ଼ ଚାଲୁରହିଛି । ଇଭିଏମ୍ ଓ ଭିଭିପାଟର ପ୍ରଥମ ରାଣ୍ଡମ ମାଇଜେସନ ଚଳିତ ମାସ ୮ ତାରିଖରେ ୧୧ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସମ୍ପାଦିତ କରାଯାଇ ରିଟର୍ଣ୍ଣିଂ ଅଫିସରଙ୍କ ଅଧୀନ ଷ୍ଟ୍ରଙ୍ଗରୁମକୁ ପ୍ରେରଣ କରାଯିବ । ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ବୈଷୟିକ ଜ୍ଞାନକୌଶଳ ଉପଯୋଗର ମାଧ୍ୟମ ସାଜିଥିବା ସି-ଭିଜିଲ ଆପ୍ଲିକେସନ ମାଧ୍ୟମରେ ଏଯାବତ ୩୮ଟି ଅଭିଯୋଗ ପ୍ରାପ୍ତ ହୋଇଛି; ଯାହାର ଯଥାରୀତି ତ୍ୱରିତ ସମାଧାନ ମଧ୍ୟ କରାଯାଇଛି । ଜିଲ୍ଲାରେ ସର୍ବମୋଟ ୧୭୯ଟି ଗମ୍ଭୀର /ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି । ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ଷ୍ଟ୍ରଙ୍ଗରୁମ ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି । ଜିଲ୍ଲାରେ ନିର୍ବାଚନର ସୁପରିଚାଳନା ନିମନ୍ତେ ବିଭିନ୍ନ କକ୍ଷ ଯଥା ସୁବିଧା ସେଲ୍, ଜିଲ୍ଲା ଯୋଗାଯୋଗ କେନ୍ଦ୍ର, ଆଦର୍ଶ ଆଚରଣ ବିଧି କକ୍ଷ, ମିଡ଼ିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି ଓ ସମନ୍ୱିତ ରିଚାଳନା ଗୃହ ଇତ୍ୟାଦି କାର୍ଯ୍ୟ କରୁଛି । ଯେଉଁ ଭୋଟରଙ୍କ ପାଖରେ ନିଜର ଭୋଟ ପରିଚୟପତ୍ର ନାହିଁ ସେମାନେ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଆଧାର, ପ୍ୟାନ, ଡ୍ରାଇଭିଂ ଲାଇସେନ୍ସ ଆଦି ଭଳି ମୋଟ ୧୨ ଗୋଟି ପରିଚୟପତ୍ର ମଧ୍ୟରୁ ଗୋଟିଏ ଦେଖାଇ ଭୋଟ ଦେଇ ପାରିବେ । ଭୋଟର ମାନଙ୍କ ମଧ୍ୟରେ ମତାଧିକାର ସାବ୍ୟସ୍ତ କରିବା ଲାଗି ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟଛା ବାବଦରେ ଜିଲ୍ଲାପାଳ ଶ୍ରୀ ସିଂହ ସୂଚନା ଦେଇଥିଲେ । ଆହୁରି ମଧ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭୋଟର, ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ କର୍ମଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ କହିଥିଲେ । ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ମିନି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଥିବା ଏହି ଗଣମାଧ୍ୟମ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ବିକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ ।

## ଶୁଦ୍ଧିକ୍ରିୟା ପାଳିବାକୁ ଯିବା ବାଟରେ ଚାଲିଗଲା ଜୀବନ



**ଆନନ୍ଦପୁର,୫।୪(ସମିସ):** ସ୍ଥାନୀୟ ମଦନପୁର ପଞ୍ଚାୟତ ଗୋଡିପାଟଣା ଗ୍ରାମରେ ଶାଶୁର ଶୁଦ୍ଧିକ୍ରିୟା ନ ସରୁଣୁ ବୋହୂର ଦୁର୍ଘଟଣାରେ ମୃତ୍ୟୁ । ବୋହୂ ମୃତ ହେବା ଘଟଣା ଶୁଣି ସାରା ଅଞ୍ଚଳରେ ଗଭୀର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ ବାବନ ସାହୁଙ୍କ ପତ୍ନୀ ରେବତୀ ସାହୁଙ୍କ ନବମ କ୍ରିୟାରେ ଯୋଗଦେବାକୁ ସରୋଜ ସାହୁ ଓ ମା' ସୁରମା ସାହୁ କେନ୍ଦୁଝରରୁ ଓଡି ୦୯ ଏକ୍ସ ୦୪୩୬ ନଂ ବାଇକ୍ ଯୋଗେ ଗୁରୁବାର ଆସୁଥିବା ବେଳେ ୨୦ ନଂ. ଜାତୀୟ ରାଜପଥ ଧକୋଠା ଓଭର ବ୍ରିଜ ନିକଟରେ ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ବାଇକ୍‌ର ଆଗ ଚକରେ ଦୁଇଟି କୁକୁର୍ ପଶି ଯିବାରୁ ଗାଡ଼ିକୁ ନିୟନ୍ତ୍ରଣ ନ କରିପାରି କଚାଡ଼ି ହୋଇ ରାଜପଥରେ ପଡ଼ି ଯାଇଥିଲେ । ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସୁରମାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି । ଏଭଳି ଘଟଣା ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଏବଂ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଏହି ଘଟଣାରେ ସରୋଜ ସାହୁ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସଙ୍କ ଉପସ୍ଥିତିରେ ସବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସୁନୀଲ କୁମାର କର କହିଛନ୍ତି ।

## ଜେସିବି ସହ ହାଇୱା ଜବତ

**ଚମ୍ପୁଆ,୫।୪(ସମିସ):** ଚମ୍ପୁଆ ତହସିଲ ଅଧୀନସ୍ଥ ଦୋଳିତା ଜଙ୍ଗଲ ଭିତରୁ ବିନା ଅନୁମତିରେ ମୋରମ ଉଠାଣ ବେଳେ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖିନ ହେବା ସହିତ ତହସିଲ ପକ୍ଷରୁ ଉକ୍ତ ଦୁଇ ଗାଡିକୁ ଜବଦ କରାଯାଇଛି । ସୂଚନା ଅନୁସାରେ ଆଜି ସକାଳେ ଦୋଳିତା ଜଙ୍ଗଲ ଭିତରେ ଏକ ହାଇୱା ମାଧ୍ୟମରେ ଜେସିବି ମେସିନ ଦ୍ୱାରା ମୋରମ ଉଠା ଯାଉଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ଗ୍ରାମବାସୀଙ୍କ କହିବା ଅନୁଯାୟୀ ଉକ୍ତ ଜଙ୍ଗଲକୁ ଗ୍ରାମବାସୀ ଜଗା ରଖା କରୁଥିବା ବେଳେ ଜଙ୍ଗଲ ଭିତରୁ ମୋରମ ଉଠାଇବା ଫଳରେ ଜଙ୍ଗଲ ଜମି ନଷ୍ଟ ହେଉଛି । ଏହି ମୋରମ ଉଠାଇବା ପାଇଁ ରାଜସ୍ୱ ବିଭାଗ କିମ୍ବା ବନବିଭାଗ ଅନୁମତି ଦେଇନଥିବା ବେଳେ କାହିଁକି ମୋରମ ଉଠାଯିବ ବୋଲି ଗ୍ରାମବାସୀ ବିରୋଧ କରିଥିଲେ । ପରେ ଏ ନେଇ ରାଜସ୍ୱ ବିଭାଗକୁ ଅବଗତ କରିବାରୁ ରାଜସ୍ୱ ନିରୀକ୍ଷକ ସମ୍ପଦ ପ୍ରଧାନ ଘଟଣାସ୍ଥଳକୁ ଯାଇ ଗାଡି ଦୁଇଟିକୁ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ । ଉଠା ଯାଉଥିବା ମୋରମ ଗୁଡିକ ରିମୁଲିରୁ ଚମ୍ପୁଆ ଚାଲିଥିବା ରାଜପଥ ମରାମତି କାର୍ଯ୍ୟରେ ବ୍ୟବହାର କରାଯିବାକୁ ଥିବା ଜଣାଯାଇଛି । ଏ ନେଇ ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ଶତପଥିଙ୍କୁ ପଚାରିବାରୁ ମୋରମ ଉଠାଯାଉଥିବା ସ୍ଥାନଟି ଅନାବାଦି ଜାଗା । ଏଥିପାଇଁ କୌଣସି ଅନୁମତି ଦିଆଯାଇନଥିବାରୁ ଗାଡି ଜବତ କରାଯିବା ସହିତ ଜରିମାନା ଆଦାୟ କରାଯିବ ବୋଲି କହିଛନ୍ତି ।



## ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ବ୍ୟାଗ୍ ଫେରାଇଲେ ଯୁବକ




**ତୁରୁମୁଙ୍ଗା,୫।୪(ସମିସ):** ବସ୍‌ରେ ଆସିବା ସମୟରେ ଭୁଲବଶତଃ ବ୍ୟାଗ୍ ବଦଳ ହେବା ପରେ ବ୍ୟାଗ୍‌ରେ ଥିବା ସାର୍ଟିଫିକେଟ୍ ସହ ଆଧାର କାର୍ଡକୁ ଫେରାଇଛନ୍ତି ତୁରୁମୁଙ୍ଗାର ଅଶୋକ କୁମାର ସାହୁଙ୍କ ପୁଅ କୁମୁଦ ସାହୁ । ସୂଚନା ଅନୁସାରେ ତୁରୁମୁଙ୍ଗା ଗ୍ରାମର କୁମୁଦ ସାହୁ ଗୁରୁବାର ଯାଜପୁର ରୋଡ଼ରୁ ବସ୍ ଯୋଗେ କେନ୍ଦୁଝର ଆସୁଥିଲେ ସେହି ବସ୍‌ରେ ଘଷିପୁରା ଥାନା ଖାଳିଆମେଣ୍ଟା ଗ୍ରାମର ରାମ ମାରାଣ୍ଡି ମଧ୍ୟ ଆସୁଥିଲେ । ସେ ଘସିପୁରାରେ ବସ୍‌ରୁ ଓହ୍ଲାଇବା ସମୟରେ ଭୁଲ ବଶତଃ କୁମୁଦଙ୍କ ବ୍ୟାଗକୁ ନେଇଯାଇଥିଲେ । କୁମୁଦ ଘରେ ପହଞ୍ଚିବା ପରେ ବ୍ୟାଗ ବଦଳ ଜାଣିବା ପରେ ବ୍ୟାଗ ଖୋଲିଥିଲେ ବ୍ୟାଗ ଭିତରେ ସାର୍ଟିଫିକେଟ, ଆଧାରକାର୍ଡ ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଥିବା ଜାଣିବା ପରେ ତୁରୁମୁଙ୍ଗା ଥାନାରେ ପହଞ୍ଚି ଜଣାଇଥିଲେ । ତୁରୁମୁଙ୍ଗା ଥାନା ପକ୍ଷରୁ ଘସିପୁରା ଥାନା ଯୋଗାଯୋଗ କରାଯିବା ପରେ ରାମ ମାରାଣ୍ଡି ଶୁକ୍ରବାର ତୁରୁମୁଙ୍ଗା ଥାନାରେ ପହଞ୍ଚିବା ପରେ ପୁଲିସ ତାଙ୍କୁ ତାଙ୍କ ବ୍ୟାଗ୍‌କୁ ହସ୍ତାନ୍ତର କରିଥିଲା । ବ୍ୟାଗ୍ ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରି ପାଇଥିବାରୁ ପୁଲିସ ଏବଂ କୁମୁଦଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି ରାମ ମାରାଣ୍ଡି ।

## ନାରଦପୁରରେ ନାମଯଜ୍ଞ



**ନାରଦପୁର,୫।୪(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମରେ ଆଜି ଠାରୁ ଚବିଶପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଆୟୋଜିତ ଏହି ନାମଯଜ୍ଞରେ ଗାଁର ପୁରୁଷ ଓ ମହିଳା ମାନେ ସ୍ଥାନୀୟ ନାଳିବନ୍ଧରୁ ପୂଜାର୍ଚ୍ଚନା କରି କଳସ ଶୋଭାଯାତ୍ରାରେ ବାହାରି ପୂଜାମଣ୍ଡପକୁ ଅଣା ଯାଇଥିଲା । ପୂଜକ ଦୀପୁ ମିଶ୍ରଙ୍କ ପୌରହିତରେ ପୂଜାର୍ଚ୍ଚନା କରାଯାଉଛି । ଏଥିରେ ସାଲଝାଟିଆ (ପଶ୍ଚିମବଙ୍ଗ), ରାଇକଳା (କେନ୍ଦୁଝର) ଓ ବାରିପଦା ଅଞ୍ଚଳର ଖଇରବଣୀ, ଅଁଳାଗୁଡା, ମିଟୁଆଣୀ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିବେ ବୋଲି କମିଟି ପକ୍ଷରୁ ଜଣାପଡିଛି । ଏହି କାର୍ଯ୍ୟକ୍ରମକୁ ଯଜ୍ଞ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରୁଛନ୍ତି । ଏହି ଯଜ୍ଞ ଆସନ୍ତା ୮ ତାରିଖ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି ।

## ଦୁଇ ଗୋରୁ ବୋଝେଇ କଣ୍ଟେନର୍ ଜବତ

**ତେଲକୋଇ,୫।୪(ସମିସ):** ତେଲକୋଇ ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଜନସନପୁର ନିକଟରୁ ଦୁଇଟି ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଛି ତେଲକୋଇ ପୁଲିସ । ଦୁଇଟି ଗୋରୁ ବୋଝେଇ କଣ୍ଟେନର ସମ୍ବଲପୁର ପଟୁ ପଶ୍ଚିମବଙ୍ଗ ଆଡ଼କୁ ଗୋରୁ ନେଇ ଯାଉଥିବା ବେଳେ ତେଲକୋଇ ଆଇଆଇସି ସରୋଜକାନ୍ତ ସାମଲଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା । ଜଣେ ଗୋ ମାଫିଆଙ୍କ ସହିତ ଜଣେ ଡ୍ରାଇଭରକୁ ଗିରଫ କରିଛି ପୁଲିସ । ଦୁଇଟି ଗାଡିକୁ ସୁରକ୍ଷା ଦେବା ପାଇଁ ଆସୁଥିବା ଏକ ବୋଲେରୋ ଗାଡି ମଧ୍ୟ ପୁଲିସକୁ ଦେଖି ଚମ୍ପଟ ମାରିଥିଲା । ଦୁଇଟି କଣ୍ଟେନରରୁ ୧୫୦ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର କରି ଗୋଶାଳା ପଠା ଯାଇଥିବା ସୂଚନା ରହିଛି ।



ବଳଦେବଜୀଉ ମନ୍ଦିର ଚୋରି ଘଟଣା

# ମୁଖ୍ୟ ଅଭିଯୁକ୍ତର ପୋଷ୍ଟର ଜାରିକଲା ପୁଲିସ୍

କେନ୍ଦୁଝର,୫।୪(ସମିସ)

କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିର ହୁଣ୍ଡିରୁ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତର ଫଟୋ ଚିତ୍ର ଜାରି କରିଛି ପୁଲିସ । ଏ ସମ୍ପର୍କରେ କେନ୍ଦୁଝର ଏସ୍‌ପି ସାମ୍ବାଦିକମାନଙ୍କୁ ସୂଚନା ଦେଇଥିବା ବେଳେ

**ସୂଚନାକାରୀଙ୍କୁ ୫ ହଜାର ଟଙ୍କା ପୁରସ୍କାର ଘୋଷଣା**

ସୂଚନାକାରୀକୁ ୫ ହଜାର ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି । ସୂଚନାକାରୀଙ୍କର ନାମ ଗୋପନ ରହିବ ବୋଲି ଏହି ଅବସରରେ କହିଛନ୍ତି । ଗତ ୨୯ ତାରିଖ ମଧ୍ୟରାତ୍ରରେ ମନ୍ଦିର ହୁଣ୍ଡି ତାଡି ହୁଣ୍ଡିରେ ଥିବା ଟଙ୍କା ଏବଂ ଅନ୍ୟ ଦାନ ସାମଗ୍ରୀ ନେଇ ଯାଇଥିଲେ ଦୁର୍ବୃତ୍ତ । ଲୁଟେରାମାନେ ବଳଦେବଜୀଉ ମନ୍ଦିର ପ୍ରବେଶ ଦ୍ୱାର ବାମ କଡ଼ରେ ଥିବା ହୁଣ୍ଡି ତାଡି ଟଙ୍କା ସବୁ ନେଇଯାଇଥିବା ବେଳେ ପୁରୁଣା ଟଙ୍କା ଏବଂ ଖୁଚୁରା ପଇସା ସବୁ ଅନ୍ୟ ଏକ ସ୍ଥାନରେ ଫିଙ୍ଗି ପକାଇ ଦେଇ ଯାଇଥିଲେ । ଗତ ଅକ୍ଟୋବର ପରଠୁ ହୁଣ୍ଡିଖୋଲା ଯାଇନଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କା ଥିବା ଅନୁମାନ କରାଯାଉଛି । ଖବର ପାଇ ଏସ୍‌ପି ସଙ୍ଗେ ସଙ୍ଗେ ମନ୍ଦିରରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଖୋଜା ଖୋଜି ଆରମ୍ଭ କରିଥିଲେ । ମନ୍ଦିରରେ ଲାଗିଥିବା ସିସିଟିଭିରେ ଏହି ଘଟଣାର ସମ୍ପୂର୍ଣ୍ଣ ଚିତ୍ର ଉତ୍ତୋଳନ ହୋଇଛି । ଯାହାକୁ ଦେଖିବା ପରେ ପୁଲିସ ଏହି ସିସିଟିଭିକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା ଯେ ଦୁର୍ବୃତ୍ତମାନେ ପ୍ରଥମେ ମନ୍ଦିରକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାରକୁ କାଟିଛନ୍ତି । ତା'ପରେ ରାତି ୧.୪୫ରୁ ୨.୧୫ ମଧ୍ୟରେ ଏହି ଘଟଣା ଘଟାଇଛନ୍ତି । ମନ୍ଦିର ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ଏହି ସମୟରେ ଶୋଇଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଥିଲେ । ପୁଲିସ ବିଭିନ୍ନ ସିସିଟିଭି ଯାଞ୍ଚ କରି ମୁଖ୍ୟ ଅଭିଯୁକ୍ତକୁ ଖୋଜୁଛି । ଏଣୁ ଏହି ପୋଷ୍ଟର ଜାରି ହୋଇଛି । ଖୁବଶୀଘ୍ର ଅଭିଯୁକ୍ତ ଗିରଫ ହେବ ବୋଲି ଏସ୍‌ପି କହିଛନ୍ତି ।




## ଜୈବିକ ପଦ୍ଧତିରେ ଉତ୍ପାଦିତ ପନିପରିବା ପ୍ରଦର୍ଶନୀ

**ଆନନ୍ଦପୁର,୫।୪(ସମିସ):** ଅଣରାସାୟନିକ ବା ଜୈବକି ପଦ୍ଧତିରେ ଚାଷ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କେନ୍ଦୁଝର ଜିଲ୍ଲାର ବାଲିପାଳ ହାଟରେ ପନିପରିବା ବିକିବା ସହ ସଚେତନ ସୃଷ୍ଟି କରିଛନ୍ତି । ଏଥିରେ ମହିଳାମାନେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ଉତ୍ପାଦିତ ବାଇଗଣ, ବିଲାତି, ଭେଣ୍ଡି, କାକୁଡି, ବାଦାମ, ଝୁଡ଼ଙ୍ଗ, କଲରା ପ୍ରଭୃତି ଆଣି ହାଟରେ ବିକ୍ରି କରିଛନ୍ତି । ଏଥି ସହ ହାତ ତିଆରି ମସଲା, ଖାଦ୍ୟସାମଗ୍ରୀ ମଧ୍ୟ ବିକ୍ରି କରିଛନ୍ତି । ଏଥିରେ ଏଫ୍‌ଇଏସର ମାଷ୍ଟର ଟ୍ରେନର ଇନ୍ଦ୍ରା ମହାନ୍ତି ଉପସ୍ଥିତ ରହି ଅଞ୍ଚଳର ଚାଷୀମାନେ କିପରି ବିନା ସାରରେ, ଅଣରାସାୟନିକ ପଦ୍ଧତିରେ ଚାଷ କରିବେ ସେ ଉପରେ ମହିଳା ଓ ପୁରୁଷ ଚାଷୀମାନଙ୍କୁ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ଜୀବାମୃତ, ଆଗ୍ନେୟାସ୍ତ୍ର, ନିମଅର୍କ ଆଦି ମାଧ୍ୟମର ତିଆରି କରି ଜମିରେ ପକାଉଛନ୍ତି । ତା ସହିତ ଏହା ମଧ୍ୟ ମାଟି ଆର୍ଦ୍ରତା ବଢାଉଥିବା ସହ ବିଷ ଖାଇବା ନାହିଁ, ବିଷ ଖୁଆଇବା ନାହିଁ, ରୋଗମୁକ୍ତ ଅଞ୍ଚଳ କରିବା ପାଇଁ ସଚେତନତା ସୃଷ୍ଟି କହିଥିଲେ । ଏଥିରେ ମା' ପଦ୍ମାଳୟା ପିଜି ବାଲିପାଳ ମହିଳା ଚାଷୀ ଅଖଜୀ ଓ ଝା, ଅହଲ୍ୟା ପଣ୍ଡା, ରଶ୍ମିତା ଓଝା, ମମତା ଓଝା, ଉର୍ବସୀ ଓ ଝା, ଖୁଲଣା ସାହୁ, ମମତା ଓଝା, ସଂଯୁକ୍ତା ଭୋଳ, ଚିନ୍ମୟୀ ଓଝା, ବାସନ୍ତି ଓଝା, କନକ ଓଝା, ଝୁନୁଲତା, ସୁବର୍ଣ୍ଣ ଓଝା, ସତ୍ୟଭାମା ସୁତାର ଉପସ୍ଥିତ ରହି ବିକ୍ରି କରିବାସହ ସଚେତନ କରିଥିଲେ ।



ସକାଳ THE SAKALA



### ବିଧାୟକ ପ୍ରାର୍ଥୀ ସାନନ୍ଦଙ୍କୁ ବାରିପଦାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

# ବିଶାଳ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା

**ବାରିପଦା, ୫।୪(ସମିସ)**



ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପାର୍ଥି ଭାବେ ସାନନ୍ଦ ମାରାଣ୍ଡିଙ୍କ ନାମ ଘୋଷଣା କରିବା ପରେ ବିଜେଡି ରାଜନୀତି ପାଣିପାଗ ସରଗରମ ହୋଇଛି। ପ୍ରାର୍ଥୀ ଭାବେ ନାମ ଘୋଷଣା ହେବା ପରେ ଦଳୀୟ ଟିକେଟ ନେଇ ଶୁକ୍ରବାର ବାରିପଦା ଆସିଥିବା ବେଳେ ତାଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅପରାହ୍ଣରେ ପାଲବଣିଠାରେ ପହଞ୍ଚିବା ପରେ ସ୍ୱାଗତ ଜଣାଇ ବିଶାଳ ବାଇକ ଶୋଭାଯାତ୍ରାରେ ବାରିପଦା ସହର ପରିକ୍ରମା କରିଥିଲେ। ଦଳୀୟ କର୍ମୀମାନଙ୍କ ଗହଣରେ ଷ୍ଟେସନ ବଜାର, କୃଷ୍ଣଚନ୍ଦ୍ର ଗୋଲେଇ, ଟ୍ରାଫିକ ଛକ, ବିଜୁ ପଟ୍ଟନାୟକ ଗୋଲାଇ, ଭଞ୍ଜପୁର ହୋଇ ସହର ପରିକ୍ରମା କରିଥିଲେ। ବାରିପଦା ସହରର ପ୍ରତିଟି ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ମାରାଣ୍ଡି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସାନନ୍ଦଙ୍କ ଆଗମନକୁ ନେଇ ବିଜେଡିର କର୍ମୀମାନଙ୍କ ମଧ୍ୟରେ ନୂଆ ଉନ୍ମାଦନା ଦେଖିବାକୁ ମିଳିଥିଲା। ସହରର ପ୍ରତି ଛକରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ସ୍ଥାନୀୟ ଲୋକମାନେ ପୁଷ୍ପଗୁଚ୍ଛ ଓ ଫୁଲମାଳ ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିକାଶ ପାଇଁ ଅନବରତ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିବା ସହ ବାରିପଦା ବିଧାୟକ ପାର୍ଥି ଭାବେ ଟିକେଟ ପ୍ରଦାନ କରିଛନ୍ତି। ଲୋକଙ୍କ ସେବା କରିବା ପାଇଁ ପୁନଶ୍ଚ ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରିଛନ୍ତି। ସେଥିପାଇଁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଲୋକମାନଙ୍କ ତାଙ୍କ ପ୍ରତି ଥିବା ଭଲ ପାଇବାକୁ ପାଥେୟ କରି ସେ ଆଗାମୀ ନିର୍ବାଚନ ରଣାଙ୍ଗନକୁ ଅବତୀର୍ଣ୍ଣ ହୋଇଛନ୍ତି। ସାଧାରଣ ଲୋକଙ୍କ ସ୍ୱରକୁ ନେଇ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ବାର୍ତ୍ତାକୁ ଘରେଘରେ ପହଞ୍ଚାଇ ନିର୍ବାଚନ ଲଢ଼ିବେ ବୋଲି ଶ୍ରୀ ମାରାଣ୍ଡି କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଆର୍ଶୀବାଦ ଲୋଡ଼ିବା ସହ ନିଶ୍ଚିତ ଭାବରେ ତାଙ୍କୁ ସମର୍ଥନ ଜଣାଇ ଆଗାମୀ ନିର୍ବାଚନରେ ତାଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ସଂସଦକୁ ପଠାଇବେ ବୋଲି ତାଙ୍କର ବିଶ୍ୱାସ ରହିଛି ବୋଲି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ସମାଜସେବୀ ଗିରିଶ ଚନ୍ଦ୍ର ଦାସ ଓ ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।

## ସୁଦାମ ଓ ସାନନ୍ଦଙ୍କୁ ବିପୁଳ ସମ୍ବର୍ଦ୍ଧନା

**ଖୁଣ୍ଟା, ୫।୪(ସମିସ):** ସାଧାରଣ ନିର୍ବାଚନକୁ ନେଇ ପ୍ରାର୍ଥୀ ଘୋଷଣା ହେବାପରେ ଏବେ ରାଜନୈତିକ ଉଷ୍ମତା ବୃଦ୍ଧିପାଉଛି। ଯାହାକୁ ନେଇ କର୍ମୀମାନଙ୍କ ପକ୍ଷରୁ ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ପ୍ରଦାନର କାର୍ଯ୍ୟକ୍ରମ ଏବେ ଜୋର୍ ଧରିଛି। ବିଜୁ ଜନତା ଦଳ ପକ୍ଷରୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ ମୟୂରଭଞ୍ଜ ଲୋକସଭା ଆସନରୁ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବାରିପଦା ବିଧାନସଭା କ୍ଷେତ୍ର ପାଇଁ ପୂର୍ବତନ ବିଧାୟକ ତଥା ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ନାମ ଘୋଷଣା ହେବା ପରେ ଏବେ ଏହି ନିର୍ବାଚନମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକର ଦଳୀୟ କର୍ମୀମାନଙ୍କ ମହଲରେ ଉତ୍ସାହ ବୃଦ୍ଧି ପାଇବାକୁ ଲାଗିଛି। ଶୁକ୍ରବାର ଦୁଇ ପ୍ରାର୍ଥୀ ପ୍ରଥମକରି ଖୁଣ୍ଟା ବ୍ଲକ ଅଞ୍ଚଳ ଗସ୍ତରେ ଆସିଥିବାବେଳେ ସେମାନଙ୍କୁ ବିସିପୁର, କନ୍ହେଇବନ୍ଧ, ବାସିପିଠା ଓ ଡୁକୁରା ଆଦି ଛକମାନଙ୍କରେ ଶତାଧିକ ଦଳୀୟକର୍ମୀ ଏକତ୍ରୀତ ହୋଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନକରିବା ସହ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ନେତବୃନ୍ଦ କର୍ମୀମାନଙ୍କୁ ଜନସାଧାରଣଙ୍କ ସୁଖଦୁଃଖର ସାଥି ହେବା ସହ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ।



## ରାଇରଙ୍ଗପୁର ପାଇଁ ବିଜେଡିରୁ ରାଇସେନ ମୁର୍ମୁ

**ରାଇରଙ୍ଗପୁର, ୫।୪(ସମିସ):** ଦୀର୍ଘ ଦିନରୁ ଚାଲିଥିବା ଚର୍ଚ୍ଚା ଓ ପ୍ରତିକ୍ଷାର ଅନ୍ତ ଘଟିଛି। ବିଜେଡି ପକ୍ଷରୁ ରାଇରଙ୍ଗପୁର ବିଧାନସଭା ଆସନ ପାଇଁ ରାଇସେନ ମୁର୍ମୁଙ୍କ ନାମ ଘୋଷଣା କରାଯାଇଛି। ସୂଚନା ପରେ ବିଜେଡି କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ସହର ବିଭିନ୍ନ ୱାର୍ଡ ଗୁଡ଼ିକରେ କର୍ମୀମାନେ ବାଣ ଫୁଟାଇ ଖୁସିର ମାହୋଲ ସୃଷ୍ଟି କରିଛନ୍ତି। ରାଇସେନ ମୁର୍ମୁ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଗାଁ ଠାରୁ ସହର ପର୍ଯ୍ୟନ୍ତ ଭଲ ଭାବରେ ପରିଚିତ ରହିଛନ୍ତି। ତାଙ୍କ ପୈତୃକ ଗାଁ ରାଇରଙ୍ଗପୁର ବ୍ଲକ ଅଞ୍ଚଳ ବାଲିଆବାଦୀ ରହିଛି। ସେ ପ୍ରଥମେ ପୁଲିସ ବିଭାଗରେ ଯୋଗଦେଇ ଚାକିରୀ ଆରମ୍ଭ କରିଥିଲେ। ପରେ ପୁଲିସ ବିଭାଗରେ ଡିଏସପି ଚାକିରୀ କରୁଥିବା ସମୟରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାକିରୀରୁ ସ୍ୱେଚ୍ଛାକୃତ ରୂପେ ଅବସର ନେଇ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ରାଇସେନ ମୁର୍ମୁଙ୍କ ବ୍ୟକ୍ତିତ୍ୱ, ସେବାଭାବ ଓ ଲୋକପ୍ରିୟତା ଦେଖି ବିଜେଡି ସୁପ୍ରିମୋ ତାଙ୍କ ଉପରେ ଭରସା କରି ରାଇରଙ୍ଗପୁର ବିଧାନସଭା ଆସନ ରେ ପ୍ରାର୍ଥୀ ଭାବରେ ଘୋଷଣା କରିଛନ୍ତି। ରାଇସେନ ମୁର୍ମୁଙ୍କ ସହିତ ଆଲୋଚନାରେ ପ୍ରଥମେ ସେ ମୁଖ୍ୟମନ୍ତ୍ରୀଙ୍କୁ ସହିତ ଅନ୍ୟ ସମସ୍ତ ବରିଷ୍ଠ ବିଜେଡି ନେତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥି ସହିତ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ଏବଂ ଲୋକମାନଙ୍କ ସେବାରେ ନିଜକୁ ସମର୍ପିତ କରିଛନ୍ତି ବୋଲି କହିଥିଲେ। ସୂଚନାଯୋଗ୍ୟ ରାଇରଙ୍ଗପୁର ବିଧାନସଭା ଆସନରେ ବିଗତ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାଇବା ସୁଶୀଲ ହାଁସଦା ବିଜେପି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାୟ ୬୩୮୩ ଖଣ୍ଡ ଭୋଟରେ ପରାସ୍ତ କରି ରାଜନୈତିକ ମଙ୍ଗ ଧରିଥିଲେ। ଏହା ପରେ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ନବଚରଣ ମାଝୀ ବିଜେଡି ପ୍ରାର୍ଥୀ ବାସନ୍ତି ମାର୍ଣ୍ଡିଙ୍କୁ ୨୮୪୬ ଖଣ୍ଡ ଭୋଟରେ ପରାସ୍ତ କରି ଜୟଯୁକ୍ତ ହୋଇଥିଲେ। ବର୍ତ୍ତମାନ ୨୦୨୪ ନିର୍ବାଚନରେ ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀଙ୍କୁ ସାଂସଦ ପ୍ରାର୍ଥୀ ଘୋଷଣା ପରେ ବିଜେପିକୁ ରାଇରଙ୍ଗପୁର ବିଧାନସଭା ଆସନ ପାଇଁ ଆଶାୟୀମାନଙ୍କ ଲମ୍ବା ତାଲିକା ରହିଥିବା ଯୋଗୁଁ ଉପଯୁକ୍ତ ପ୍ରାର୍ଥୀ ଚୟନ୍କୁ ନେଇ ଦ୍ୱନ୍ଦ୍ୱ ରହିଥିବା ନେଇ ଚର୍ଚ୍ଚା ହେଉଅଛି। ସେହିପରି ଜେଏମଏମ ଓ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଘୋଷଣା କରିନାହାନ୍ତି।



## ଖଣି ଅଧିକାରୀଙ୍କୁ ବେଆଇନ ବାଲି ଉତ୍ତୋଳନକାରୀଙ୍କ ଆକ୍ରମଣ

**ବାରିପଦା, ୫।୪(ସମିସ):** ଖଣିଅଧିକାରୀଙ୍କୁ ବେଆଇନ ବାଲି ଉତ୍ତୋଳନକାରୀମାନଙ୍କ ଦ୍ୱାରା ଖଣି ଅଧିକାରୀଙ୍କ ଉପରେ ଆକ୍ରମଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ବାରିପଦା ଓ ତିରିଂ ଥାନାରେ ଦୁଇଟି ଆକ୍ରମଣ ଘଟଣାକୁ ନେଇ ପୃଥକ ମାମଲା ରୁଜୁ ହୋଇଛି। ବାରିପଦା ସହର ସନ୍ନିକଟ ବୁଢ଼ାବଲଙ୍ଗ ନଦୀକୂଳରେ ଥିବା କରତବସା ନିକଟରେ ଏକ ବେଆଇନ ବାଲିଗାଡ଼ି ଜବତ କରି ତା ନିକଟରୁ ୩୦ ହଜାର ୬୧୨ ଟଙ୍କା ଜରିମାନା ଆଦାୟ କରିଥିଲେ। ପରେ ଖଣି ଅଧିକାରୀ ଦିଲ୍ଲୀପ କୁମାର ମାହାନ୍ତା ଏବଂ ତାଙ୍କର କର୍ମଚାରୀମାନେ ଅନ୍ୟ ଏକ ସ୍ଥାନକୁ ଯିବାକୁ ବାହାରୁ ଥିବାବେଳେ ପଛପଟୁ ସେମାନଙ୍କ ଉପରକୁ ପଥର ଫିଙ୍ଗି ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ବାରିପଦା ଟାଉନ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତଜାରୀ ରହିଛି। ଅନୁରୂପ ଭାବରେ ଅନ୍ୟ ଜଣେ ଖଣି ଅଧିକାରୀ ଉଦୟଭାନୁ ସାହୁଙ୍କ ଉପରେ ତିରିଂ ଅଞ୍ଚଳରେ ମଧ୍ୟ ଆକ୍ରମଣ ହୋଇଛି। ତିରିଂ ଥାନା ଅନ୍ତର୍ଗତ ବିଜୟବସାରୁ ଫେରିବା ବାଟରେ ପୋଡ଼ା ଅଞ୍ଚଳରୁ ଦୁଇଟି ନମ୍ବର ବିହୀନ ବାଲି ଟ୍ରାକ୍ଟରକୁ ଅଟକ ରଖି ଯାଞ୍ଚ କରିଥିଲେ। ବେଆଇନ ଚାଲାଣ ଦେଖି ଥାନାକୁ ନେଉଥିବା ବାଟରେ ଅଧିକାରୀଙ୍କ ଗାଡ଼ିକୁ ଧକ୍କା ଦେଇ ଝାଡ଼ଖଣ୍ଡ ପଟକୁ ଫେରାର ହୋଇଯାଇଥିଲେ। ଏନେଇ ତିରିଂ ଥାନାରେ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରାଯାଇଛି।

## ଜାତିଆଣ ଆପେକ୍ଷ: କଲେଜ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଥାନାରେ ଏତଲା

**ରାଇରଙ୍ଗପୁର, ୫।୪(ସମିସ):** ରାଇରଙ୍ଗପୁର କଲେଜ ଅଧ୍ୟକ୍ଷଙ୍କ ନାମରେ ଜାତିଆଣି ଆକ୍ଷେପ କରି ଗାଳିଗୁଲଜ କରିବା ଅଭିଯୋଗରେ ଟାଉନ ଥାନାରେ ଅଭିଯୋଗ ହୋଇଅଛି। ସୂଚନାଅନୁସାରେ ମଙ୍ଗଳବାର ଦିନ ରାଇରଙ୍ଗପୁର କଲେଜରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜିତେନ୍ଦ୍ର ମୁଖୀକୁ କୌଣସି କାରଣ ନେଇ କଲେଜ ଅଧ୍ୟକ୍ଷ ତ୍ରିଲୋଚନ ଚକ୍ର ଖରାପ ଭାଷାରେ ଜାତିଆଣି ଆକ୍ଷେପ କରି ଗାଳିଗୁଲଜ କରିଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଅନେକ ଥର ସମ୍ପୃକ୍ତ କର୍ମଚାରୀଙ୍କୁ କଲେଜ ଅଧ୍ୟକ୍ଷ ଦୁର୍ବ୍ୟବହାର କରିଆସୁଥିଲେ। ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ଗୋରୁ ବୋଝେଇ ପିକଅପ୍ ଜବତ; ଦୁଇ ଗିରଫ

**କୁଆମରା, ୫।୪(ସମିସ):** ଖୁଣ୍ଟା ଥାନା ପୁଲିସ ଗତ ରାତିରେ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନକୁ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛନ୍ତି। ବଡ଼ସାହି ଥାନା ଅନ୍ତର୍ଗତ ଚାଉଳିଆଶୁଳ ଗ୍ରାମର ରବୀନ୍ଦ୍ର ନାଏକ ଓ ଦୁଷ୍ମନ୍ତ ମହାନ୍ତ ଦୁହେଁ ଏକ ପିକଅପ୍ ଯୋଗେ ବେଆଇନ ଭାବେ ଉଦଳା ଅଞ୍ଚଳରୁ ୭ଟି ଗୋରୁକୁ ବୋଝେଇ କରି ବିଳମ୍ବିତ ରାତିରେ ବାରିପଦା ଅଭିମୁଖେ ଯାଉଥିଲେ। ସେତିକିବେଳେ ୧୯ ନମ୍ବର ରାଜ୍ୟ ରାଜପଥ ଖୁଣ୍ଟାଠାରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଧରାପଡ଼ିଥିଲେ। ତେବେ ସମ୍ପୃକ୍ତ ପିକଅପକୁ ଜବତ କରିବା ସହ ଏକ ମାମଲା ରୁଜୁ ହୋଇଛି। ଜବତ ହୋଇଥିବା ଗୋରୁମାନଙ୍କୁ ବାଲେଶ୍ୱରସ୍ଥିତ ଗୋଶାଳାକୁ ପୁଲିସ ପଠାଇଛି।

## ପାଣିରେ ବୁଡ଼ି ଶିଶୁ ମୃତ

**ରାଇରଙ୍ଗପୁର, ୫।୪(ସମିସ):** ପାଣିରେ ବୁଡ଼ି ୧୪ ମାସର ଶିଶୁ ପୁତ୍ରର ଦୁଖଦଃ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଲଙ୍ଗଳଶିଳା ଗ୍ରାମରେ ସୁକଦା ହାଂସଦାଙ୍କ ଶିଶୁ ପୁତ୍ର ସହନ ହାଁସଦା ଘର ଅଗଣାରେ ଖେଳୁଥିଲା। ସେହି କ୍ରମରେ ଶିଶୁଟି ଘର ନିକଟ ଗଡ଼ିଆରେ ଥିବା ପାଣିରେ ବୁଡି ଯାଇଥିଲା। ପରିବାର ଲୋକମାନେ ଘରକୁ ଆସି ଦେଖିବାରୁ ଅଗଣା ପାଖ ଗଡ଼ିଆରେ ଶିଶୁପୁତ୍ରଟି ଭାସୁଥିବା ଦେଖି ତାକୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତର ଖାନାକୁ ଆଣି ଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ସୂଚନା ପରେ ବାଦାମପାହାଡ଼ ଥାନା ପୁଲିସ ଶିଶୁର ଶବକୁ ଜବତ କରି ବ୍ୟବଚ୍ଛେଦ କରାଇ ଥିଲେ। ଏଥି ସହିତ ଏକ ଅପମୃତ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ମହାବିଦ୍ୟାଳୟର ସ୍କାଉଟ ଓ ଗାଇଡ୍ ପକ୍ଷରୁ ଜଳଛତ୍ର

**ଶୁକ୍ଲି, ୫।୪(ସମିସ):** ଦିନକୁ ଦିନ ବଢ଼ୁଥିବା ଅସହ୍ୟ ତାତିକୁ ଲକ୍ଷ କରି ଶୁକ୍ଳି ସ୍ନାତକ ମହାବିଦ୍ୟାଳୟ ସ୍କାଉଟ ଓ ଗାଇଡ୍ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ. ସଂଗ୍ରାମ କେଶରୀ ମଲ୍ଲିକ ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟ ମୁଖ୍ୟଫାଟକ ପାଖରେ ପଥପ୍ରାନ୍ତ ଯାତ୍ରୀମାନଙ୍କ ପାଇଁ ଏହି ଜଳଛତ୍ର କାର୍ଯ୍ୟକ୍ରମ କରାଯାଇଛି। ଶୁକ୍ଳି ଯଶିପୁର ରାସ୍ତାରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଏହା ଅତ୍ୟନ୍ତ ଜରୁରୀ ସେବା। ମହାବିଦ୍ୟାଳୟର ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀମାନେ ଏହି ସ୍ଥାନରେ ରହି ସେବା ଯୋଗାଇ ଦେଉଛନ୍ତି। ଏହି ସେବା କାର୍ଯ୍ୟକ୍ରମ ଆଗାମୀ ମାସକ ପର୍ଯ୍ୟାନ୍ତ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମ ସ୍କାଉଟ ରୋଭର ପ୍ରଶାନ୍ତ କୁମାର ମାଝି ପରିଚାଳନା କରିଥିଲେ। ସ୍କାଉଟ ଗାଇଡ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କରଞ୍ଜିଆ ମହୋତ୍ସବର ଶୁଭାରମ୍ଭ



**କରଞ୍ଜିଆ, ୫।୪ (ସମିସ):** ଆଜି ଠାରୁ ୪ ଦିନ ପର୍ଯ୍ୟନ୍ତ କରଞ୍ଜିଆ ମାଟିର ସାଂସ୍କୃତିକ ମହାମଞ୍ଚ କରଞ୍ଜିଆ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ସାଂସ୍କୃତିକ ମଞ୍ଚର ଅଭିପ୍ରାୟ କରଞ୍ଜିଆ ଅଞ୍ଚଳର ଲୁକ୍କାୟିତ ପ୍ରତିଭାବାନ କଳାକାରମାନଙ୍କୁ ନିମନ୍ତ୍ରିତ କଳାକାରମାନଙ୍କ ସହ ସମ୍ପର୍କରେ ଆଣି କଳାର ଆଦାନପ୍ରଦାନ କରି ସେମାନଙ୍କ ପ୍ରତିଭାକୁ ସ୍ୱୀକୃତି ପ୍ରଦାନ କରିବା। ଆଜି ସକାଳେ ମହୋତ୍ସବ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଶାଳ ପୂଜା ଓ ପେଣ୍ଡାଲ ପୂଜା ଅର୍ଚ୍ଚନା କରାଯାଇ ଅପରାହ୍ଣରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମା’ ଅମ୍ବିକା ମନ୍ଦିର ନିକଟରୁ ଆରମ୍ଭ ହୋଇ ମିଳନପଡ଼ିଆ ମହୋତ୍ସବ ପେଣ୍ଡାଲ ପର୍ଯ୍ୟନ୍ତ ସଦସ୍ୟସଦସ୍ୟା ମାନଙ୍କ ଦ୍ୱାରା ଅଣାଯାଇଥିଲା। ପରେପରେ କାଳିଆପ୍ରେମୀ ପତିଙ୍କ ନେତୃତ୍ୱରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭିକ ପରିଚାଳନା ସୁବ୍ରତ କୁମାର ବିଶ୍ୱାଳ କରିଥିବାବେଳେ ଖୁସୀ କୁମାରୀ ଓ ନରୋତ୍ତମ ତନ୍ତି ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟା ଉଦ୍‌ଘାଟନ କାର୍ଯ୍ୟକ୍ରମର ସଭାପତିତ୍ୱ ମହୋତ୍ସବ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଦିବ୍ୟପ୍ରସାଦ ସାହୁ କରିଥିବାବେଳେ ମୁଖ୍ୟଅତିଥି ଭାବେ ପାଞ୍ଚପୀଢ଼ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର, ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର, କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଯୋଗେଶ୍ୱର ମହାନ୍ତ, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ନିରଜ କୁମାର ମଲ୍ଲିକ ଏବଂ ମା’କୀଚକେଶ୍ୱରୀ ମନ୍ଦିର ପୂଜକ ଦିଲ୍ଲୀପ ପାଣିଗ୍ରାହୀ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଅତିଥିଗଣ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ଏବଂ ମାଲ୍ୟାର୍ପଣ କରି ଉତ୍ସବର ଶୁଭ ଉଦଘାଟନ କରିଥିଲେ। ଅତିଥି ପରିଚୟ କମିଟି କୋଷାଧକ୍ଷ କର୍ଣ୍ଣାର୍ଜୁନ ସାହା ପ୍ରଦାନ କରିଥିଲେ। ଅତିଥିମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସଙ୍ଗୀତ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଅତିଥିଗଣ ସେମାନଙ୍କ ଅଭିଭାଷଣରେ କରଞ୍ଜିଆ ଏକ କଳା ସଂସ୍କୃତି ଓ ସାହିତ୍ୟର ମାଟି ଯାହାର ତୁଳନା ନାହିଁ ଏବଂ ମହୋତ୍ସବ କମିଟି ପକ୍ଷରୁ ଏହି ଅତୁଳନୀୟ କାର୍ଯ୍ୟ ପାଇଁ ଅଶେଷ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ନୃତ୍ୟଶ୍ରୀ ଅନୁଷ୍ଠାନ, କବିତା ନୃତ୍ୟ ଅନୁଷ୍ଠାନ, ଆଦର୍ଶ ଆବାସିକ ବିଦ୍ୟାଳୟ, ୫ଷ୍ଟାର ନୃତ୍ୟ ଅନୁଷ୍ଠାନ ଓ ଫ୍ଲୋଲେସ ଡ୍ୟାନ୍ସ ଦଳର ନୃତ୍ୟ ରହିଥିଲା। ଆଜିର ଉଦଘାଟନୀ ସନ୍ଧ୍ୟା କାର୍ଯ୍ୟକ୍ରମ କରଞ୍ଜିଆ ଅଞ୍ଚଳର ବହୁ ଦର୍ଶକ ଉପସ୍ଥିତ ରହି ଉପଭୋଗ କରିଥିଲେ। କମିଟିର ସଦସ୍ୟମାନଙ୍କ ଏହି ପ୍ରୟାସ ପାଇଁ କରଞ୍ଜିଆରୁ ସୁରଜ ସିଂ ପ୍ରଶଂସା କରିଥିଲେ।

## ନବନିର୍ବାଚିତ ବାର ଆସୋସିଏସନ୍ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ

**ବେତନଟୀ, ୫।୪(ସମିସ):** ବେତନଟୀ ଜେଏମଏଫସି କୋର୍ଟ ପରିସରସ୍ଥ ବାରଏସୋସିଏସନ କାର୍ଯ୍ୟାଳୟରେ ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ନିମନ୍ତେ ଶପଥପାଠ ଉତ୍ସବ ଶୁକ୍ରବାର ଆୟୋଜିତ ହୋଇଯାଇଛି। ବେତନଟୀ ବାର ଏସୋସିଏସନ ନିର୍ବାଚନ ଅଧିକାରୀ ଦାୟୀତ୍ୱରେ ଥିବା ଆଇନଜୀବୀ ଲମ୍ବୋଦର ନାୟକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଶପଥପାଠ ଉତ୍ସବରେ ଜେଏମଏଫସି କୋର୍ଟର ବିଚାରପତି ଏ. ଅବିନାଶ ନାଇଡୁ ଯୋଗଦେଇ ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଭାପତି ଭାବରେ ଲମ୍ବୋଦର ମହାନ୍ତ, ଉପସଭାପତି ଭାବରେ ରବିନାରାୟଣ ମହାପାତ୍ର, ସମ୍ପାଦକ ଭାବେ ପ୍ରବୀର ବାରିକ, କୋଷାଧକ୍ଷ ଭାବେ ମନୋଜ ଦଳେଇ ଏବଂ କାର୍ଯ୍ୟକାରୀ କମିଟିର ସଞ୍ଜୟ ଭୂୟାଁ, ଧୀରୋଜ ଖଣ୍ଡେଲୱାଲ ଏବଂ ଅଂଶୁମାନ ସରକାର ପ୍ରମୁଖ ପଦମର୍ଯ୍ୟାଦାର ରକ୍ଷା କରିବା ସହିତ ନିଜର କର୍ତ୍ତବ୍ୟ ଏବଂ ଦାୟୀତ୍ୱକୁ ନିଷ୍ଠାର ସହିତ ପାଳନ କରିବାନେଇ ଶପଥପାଠ କରିଥିଲେ। ଏହି ଅବସରରେ ୨୦୨୩-୨୪ ଆର୍ଥିକବର୍ଷ ନିମନ୍ତେ କୋଷାଧକ୍ଷ ଦାୟୀତ୍ୱରେ ରହିଥିବା ରଣଜିତ ଗନ୍ତାୟତ ଆୟବ୍ୟୟର ହିସାବ ଏବଂ ବାର ଏସୋସିଏସନ ଖାତରେ ଥିବା ଜମାଟଙ୍କା ବାବଦରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। କୋଷାଧକ୍ଷ ଭାବରେ ଦାୟୀତ୍ୱ ଗ୍ରହଣପରେ ବାର ଏସୋସିଏସନ ଖାତାରେ ଥିବା ଜମାଟଙ୍କା ଏବଂ ଆୟବ୍ୟୟ ପରେ ବର୍ତ୍ତମାନର ଜମାଟଙ୍କା ବାବଦରେ ତଥା କେଉ ସୂତ୍ରରୁ କେତେ ଟଙ୍କା ଏବଂ କିଭଳି ଆସିଛି ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ନୂତନ କୋଷାଧକ୍ଷ ମନୋଜ ଦଳେଇଙ୍କୁ ଦାୟୀତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ବାର ଏସୋସିଏସନର ପ୍ରାକ୍ତନ ସଭାପତି ଦେବବ୍ରତ ପରିଡ଼ା, ପ୍ରାକ୍ତନ ସମ୍ପାଦକ ସଞ୍ଜୟ ରାଉତ, ଦୁଖିଆ ମୁର୍ମୁ, ସଚ୍ଚିଦାନନ୍ଦ ମହାନ୍ତି, ସଞ୍ଜୟ ପାତ୍ର, ଅର୍ଣ୍ଣବ କୁମାର ଘୋଷଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟଗଣ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାଡର ଏପିପି ନିହାର ରଞ୍ଜନ ଜେନା ମଧ୍ୟ ଯୋଗ ଦେଇଥିଲେ।



# ସହିଦ ରଘୁନାଥ ମାହାତୋଙ୍କ ୨୪୭ ତମ ସହିଦ ଦିବସ ପାଳିତ

**ବିଶୋଇ, ୫।୪(ସମିସ)**




ବ୍ରିଟିଶମାନଙ୍କ ଅତ୍ୟାଚାରୀ ଶାସନ ବିରୁଦ୍ଧରେ ଜଙ୍ଗଲମହଲ ଇଲାକାରେ ଥିବା ବିଭିନ୍ନ ବର୍ଗର ଆଦିବାସୀମାନେ ୧୭୬୭ ମସିହାରୁ ୧୭୯୯ ମସିହା ପର୍ଯ୍ୟନ୍ତ ଦୀର୍ଘ ଦିନର ଗରିଲା ଯୁଦ୍ଧ ‘ଚୁହାଡ଼ ବିଦ୍ରୋହ’ କରିଥିଲେ। ଏହି ବିଦ୍ରୋହରେ ସାମିଲ ହୋଇଥିବା ଆଦିବାସୀ ବୀରମାନଙ୍କ ମଧ୍ୟରେ ରଘୁନାଥ ମାହାତୋ ଅନନ୍ୟ ଥିଲେ। ତାଙ୍କର ପରାକ୍ରମ ଯୋଗୁ ବ୍ରିଟିଶମାନେ ବହୁ ଜାଗାରେ ପରାଜୟ ବରଣ କରିଥିଲେ। ବ୍ରିଟିଶ ବିରୁଦ୍ଧରେ ଯୁଦ୍ଧ କରୁଥିବା ସମୟରେ ୧୭୭୭ ମସିହାରେ ଏପ୍ରିଲ ୫ ତାରିଖ ରଘୁନାଥ ମହାନ୍ତ ସହିଦ ହୋଇଥିଲେ। ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ୨୪୭ତମ ସହିଦ ଦିବସକୁ ‘ବିଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ଓ ମୂଳବାସୀ ମଞ୍ଚ (ବିଜେଏଏମ୍ଏମ୍) ତରଫରୁ ବିଶୋଇଠାରେ ପାଳନ କରାଯାଇଥିଲା। ବିଶୋଇ ବଜାର ଛକଠାରେ ଅବସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରେ ଆଦିବାସୀ ନାଚଗୀତ ସହିତ ‘ବିର୍ସା ମୁଣ୍ଡା ସ୍ମୃତି କମିଟି’ର ପୂଜକ ଶ୍ୟାମଚରଣ ନାଏକ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରିବା ପରେ ସଙ୍ଗଠନର ଶତାଧିକ କର୍ମୀ ଓ ଅତିଥିବୃନ୍ଦ ଏକ ବିଶାଳ ବାଇକ୍ ରାଲିରେ ବାହାରି ଜୟ ଝାଡ଼ଖଣ୍ଡ, ଜୟ ଆଦିବାସୀ ଓ ମୂଳବାସୀ ନାରା ଦେଇ ବିଶୋଇ ଦିଶମ ଜାହେର ପ୍ରାଙ୍ଗଣରେ ଥିବା ସଭାମଞ୍ଚ ଠାରେ ପହଞ୍ଚିଥିଲେ। ସଂଗଠନର ଆବାହକ ରାମଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ସାଂସଦ ଙ୍ଗ ରାମଚନ୍ଦ୍ର ହାଁସଦା ଯୋଗଦେଇ କହିଥିଲେ କି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଅପାରଗ ନେତୃତ୍ୱକୁ ବିରୋଧ କରି ସଂଖ୍ୟାଧିକ ଦଳୀୟ କର୍ମୀ ବାହାରି ଆସି ଏହି ସାମାଜିକ ସଙ୍ଗଠନ ମାଧ୍ୟମରେ ଆଦିବାସୀ ମୂଳବାସୀ ଲୋକଙ୍କ ନିଜର ହକ୍ ଓ ଅଧିକାର ପାଇଁ ବର୍ତ୍ତମାନ ସୁଦ୍ଧା ଲଢୁଛନ୍ତି। ଆଦିବାସୀ ଲୋକଙ୍କ ମୌଳିକ ସେବା ପାଇଁ ଜଙ୍ଗଲ ଜମି ଓ ଭିଟାମାଟିରୁ ଉଚ୍ଛେଦରୁ ବଞ୍ଚାଇବା ବିଜେଏଏମ୍ଏମ୍‌ର ମୂଳ ଲକ୍ଷ୍ୟ। ସେହିପରି ସମାଜ ପାଇଁ ବଳିଦାନ ଦେଇଥିବା ମହାପୁରୁଷମାନଙ୍କୁ ସ୍ମରଣ କରିବା ସହିତ ଜଳ, ଜମି ଓ ଜଙ୍ଗଲର ଅଧିକାର ପାଇଁ ଲୋକମାନଙ୍କ ମଧ୍ୟ ଜାଗରଣ ସୃଷ୍ଟି କରିବାକୁ ଲଢ଼ିବାକୁ ପଡ଼ିବ ବୋଲି ମୁଖ୍ୟବ୍ୟକ୍ତା ଭାବରେ ଉପସ୍ଥିତ ପଦ୍ମଲୋଚନ ମହାନ୍ତ କହିଥିଲେ। ସମ୍ମାନିୟ ଅତିଥି ଭାବରେ ହରେଲାଲ ଟୁଡୁ, ବେଣୁଧର ଘୋଷ, ଶେଷଧର ମହାନ୍ତ, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ମଣିଶଙ୍କର ମହାନ୍ତ, ଦାସମାତ ସୋରେନ, ପଞ୍ଚାନନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ସହିଦ ରଘୁନାଥ ମହାନ୍ତଙ୍କ ସ୍ମୃତିଚାରଣ କରିବା ସହିତ ଆଗାମୀ ଦିନରେ ସଙ୍ଗଠନରେ ରହି ଆଦିବାସୀଙ୍କ ଅଧିକାର ପାଇଁ ଲଢ଼ିବା ପାଇଁ ଉପସ୍ଥିତ ଶତାଧିକ ଆଦିବାସୀଙ୍କୁ ଆହ୍ୱାନ କରିଥିଲେ। ସୁଶାନ୍ତ ମହାନ୍ତି, ରାମଚନ୍ଦ୍ର ହେମ୍ବ୍ରମ ସମେତ ସଙ୍ଗଠନର ସମସ୍ତ କର୍ମୀ କାର୍ଯ୍ୟ ପରିଚଳନାରେ ସହଯୋଗ କରିଥିଲେ।

# ରାଷ୍ଟ୍ରପତିଙ୍କ ଅତିଥି ହୋଇ ଦିଲ୍ଲୀ ଗଲେ ୭୨ଜଣ

ରାଇରଙ୍ଗପୁର, ୫।୪(ସମିସ): ରାଇରଙ୍ଗପୁର ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଦେଶର ସର୍ବୋଚ୍ଚ ପଦରେ ପହଞ୍ଚି ମଧ୍ୟ ନିଜ ଗାଁ ମାଟି ଏବଂ ନିଜ ଆତ୍ମୀୟ ଲୋକମାନଙ୍କୁ ଭୁଲିପାରି ନାହାନ୍ତି। ସେଥି ପାଇଁ ରାଷ୍ଟ୍ରପତି ହେବା ପରେ ଅନେକ



ଥର ନିଜ ଜନ୍ମମାଟିକୁ ଆସିଛନ୍ତି। କେବଳ ଏତିକି ନୁହେଁ ମ୍ୟାଡାମ ପ୍ରେସିଡେଣ୍ଟ ରାଇରଙ୍ଗପୁର ନିକଟସ୍ଥ ଡୁଙ୍ଗୁରିସାହି, ପାହାଡ଼ପୁର, ଉପରବେଡ଼ା, ବଦାମପାହାଡ଼ ସହିତ ଅପହଞ୍ଚ ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ମୋଟ ୭୨ ଜଣ ଲୋକମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିଲ୍ଲୀ ରାଷ୍ଟ୍ରପତି ଭବନକୁ ଡାକରା ଦେଇଛନ୍ତି। ଗୁରୁବାର ସକାଳ ସମୟରେ ରାଇରଙ୍ଗପୁର କଲ୍ୟାଣମଣ୍ଡପ ପରିସରରେ ବିଭିନ୍ନ ଗାଁ ଓ ଅଞ୍ଚଳରୁ ଲୋକମାନେ ଆସି ଏକତ୍ରିତ ହୋଇଥିଲେ। ପୁରୁଷ ବା ମହିଳା ସମସ୍ତଙ୍କ ମୁହଁରେ ହସ ଫୁଟି ଆସୁଥିଲା। କାହିଁକି ନା ସେମାନେ ଦିଲ୍ଲୀ ଯାଇ ରାଷ୍ଟ୍ରପତି ଭବନ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ପରବର୍ତ୍ତୀ ସମୟରେ ଆଦିବାସୀମାନେ ରାଇରଙ୍ଗପୁର ଠାରୁ ଏସି ବସ୍‌ରେ ଯାତ୍ରା କରି ଜାମସେଦପୁର ରେଳଷ୍ଟେସନକୁ ଯାଇ ପହଞ୍ଚି ଥିଲେ। ତାଙ୍କ ପାଇଁ ସେଠାରୁ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଟ୍ରେନ୍‌ର ଗୋଟିଏ ବଗି ବୁକିଂ କରାଯାଇଥିଲା। ସନ୍ଧ୍ୟା ସମୟରେ ସମସ୍ତ ଲୋକମାନେ ଟ୍ରେନ ଯୋଗେ ଦିଲ୍ଲୀ ରାଷ୍ଟ୍ରପତି ଭବନ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କ ମଧ୍ୟରେ ଅନେକ ଲୋକମାନେ ପ୍ରଥମ ଥର ରେଳ ଯୋଗେ ଯାତ୍ରା କରୁଥିବା ଯୋଗୁଁ ବେଶ ଉତ୍ସାହିତ ରହିଥିଲେ। ରାଷ୍ଟ୍ରପତିଙ୍କ ସମ୍ପର୍କୀୟ ଓ ଅନ୍ୟ ଗ୍ରାମବାସୀମାନେ ଅତିଥି ହୋଇ ରାଷ୍ଟ୍ରପତି ଭବନରେ ରହିବେ ଏବଂ ଦିଲ୍ଲୀ ଭ୍ରମଣ କରିବାର ଆନନ୍ଦ ନେବେ ବୋଲି ଆନନ୍ଦିତ ରହିଥିବା ଦେଖାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କୀୟ ଓ ତାଙ୍କ ପୈତୃକ ଗାଁ ନିକଟ ଅଞ୍ଚଳରୁ ଆସିଥିବା ସମସ୍ତ ସାଧାରଣ ବର୍ଗର ଥିଲେ। ହେଲେ ରାଇରଙ୍ଗପୁରରୁ ଏସି ବସ୍ ଯୋଗେ ଯାତ୍ରା କରି ଜାମସେଦପୁର ଅଞ୍ଚଳ ପ୍ରବେଶ କଲା ପରେ ଜାମସେଦପୁରର ପୁଲିସ କର୍ମଚାରୀମାନେ ବସ୍ ସାମ୍ନା ଓ ପଛରେ ସ୍କର୍ଟ ଗାଡ଼ି ନିୟୋଜିତ କରିଥିଲେ। ରେଳଷ୍ଟେସନ ନିକଟରେ ପହଞ୍ଚିଲା ପରେ ସେଠାରେ ତାଙ୍କ ସ୍ୱାଗତ ପାଇଁ ରେଳ ବିଭାଗ ଡିଏସପି, ଜିଆରପି ଇନ୍ସପେକ୍ଟର, ବାଗବେଡ଼ା ଥାନା ଅଧିକାରୀ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ପରେ ସମସ୍ତଙ୍କୁ ପୁଲିସ ଓ ରେଳବିଭାଗ ଅଧିକାରୀ ସହିତ ପୁଲିସ କର୍ମୀମାନେ ସୁରକ୍ଷା ବଳୟ ମଧ୍ୟରେ ରଖି ଷ୍ଟେସନ ପରିସରକୁ ନେଇ ଯାଇଥିଲେ। ପୁଲିସ ସହିତ ରହିଥିବା କର୍ମଚାରୀମାନେ ରାଷ୍ଟ୍ରପତିଙ୍କ ଅତିଥି ହୋଇ ଯାଉଥିବା ସାଧାରଣ ଲୋକମାନଙ୍କ ବ୍ୟାଗ ଓ ଜିନିଷପତ୍ର ଧରି ସହଯୋଗ କରିଥିଲେ। ଯାହାକି ଗ୍ରାମାଞ୍ଚଳର ସାଧାରଣ ଲୋକମାନଙ୍କୁ ଭିଆଇପି ହେବାର ଅନୁଭୂତି ପ୍ରଦାନ କରିଥିଲା।

# ମା' ମଙ୍ଗଳାଙ୍କ ପୂଜାରେ କମ୍ପୁଛି କାକୁଡ଼ିହା



ମୋରଡ଼ା, ୫।୪(ସମିସ): ଭାଦ୍ରବ ମାସରେ ପାଳନ ହୁଏ ମା' ମଙ୍ଗଳାଙ୍କ ଓଷା। ଏଥିପାଇଁ ବିଭିନ୍ନ ସ୍ଥାନରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇଥାନ୍ତି। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେ ମା' ମଙ୍ଗଳା ପୂଜା ପାଉଛନ୍ତି। ତେବେ ଚଳିତ ବର୍ଷ ଚିତ୍ରଡ଼ାର କାକୁଡ଼ିହା ଗ୍ରାମରେ ଥିବା ମା' ମଙ୍ଗଳାଙ୍କ ମନ୍ଦିରରେ ବାର୍ଷିକ ପୂଜା ପାଳିତ ହୋଇଛି। ଭକ୍ତମାନେ ଦୂରରୁ ମୁଣ୍ଡରେ କଳସୀ ବୋହି ମା'ଙ୍କ ପୀଠରେ ପହଞ୍ଚି ସମର୍ପଣ କରିଥାନ୍ତି। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ହରେକୃଷ୍ଣ ହରେରାମ ଧ୍ୱନିରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଚାଲୁଥିବାବେଳେ ଜନସାଧାରଣଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କମିଟି ପକ୍ଷରୁ କରାଯାଇଛି। ଏହାବ୍ୟତୀତ ଚିତ୍ରଡ଼ା ମାର୍କେଟ ସାହିରେ ଗତ କୋଡ଼ିଏ ବର୍ଷରୁ ଅଧିକ ହେବ ମା' ପୂଜା ପାଉଛନ୍ତି। ଚଳିତ ବର୍ଷ ମଧ୍ୟ ଧୁମଧାମରେ କଳସଯାତ୍ରା ସମ୍ପନ୍ନ ହୋଇଛି। ତେବେ ଶ୍ରଦ୍ଧାଳୁଙ୍କ କହିବା ମୁତାବକ ମା'ଙ୍କ ମୁଣ୍ଡରୁ ଫୁଲ ଖସିଲେ ବିଭିନ୍ନ ସମସ୍ୟା ଦୂର ହୋଇଯାଏ ବୋଲି ସେମାନେ ବିଶ୍ୱାସ କରନ୍ତି। ସେଥିପାଇଁ କାକୁଡ଼ିହା ଚଳଚଞ୍ଚଳ ହୋଇଉଠିଛି। ବୋଲି ପୂଜକ ଅଶୋକ ବେହେରା ପ୍ରକାଶ କରିଛନ୍ତି। ଦୁଇଦିନ ଧରି ରକ୍ମଣୀ ସଂକୀର୍ତ୍ତନ ମଣ୍ଡଳୀ, କାକୁଡ଼ିହା ସଂକୀର୍ତ୍ତନ ମଣ୍ଡଳୀ ଏବଂ ଶୀଳଦା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରେକୃଷ୍ଣ ହରେରାମ ନାମ ସଂକୀର୍ତ୍ତନ ଚାଲିଛି।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ମହୁଲଡ଼ିହା, ୫।୪(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେଶଡ଼ିହା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୁରିସ୍ରବା ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭୁରିସ୍ରବା ବେହେରା ଗତବର୍ଷ ମେ ମାସ ୪ ତାରିଖରେ କେଶଡ଼ିହା ସ୍କୁଲରେ ଯୋଗଦେଇଥିଲେ। ତାଙ୍କର ଲେଭେଲ-୩କୁ ପଦୋନ୍ନତି ହେବା ପରେ ତାଙ୍କୁ ସୁନ୍ଦରଗଡ଼ ସ୍ଥିତ ଫୁଲଝର ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଫୁଲଝର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଭବାନୀ ଶଙ୍କର ବେହେରା ସେଠାରୁ ବଦଳି ହୋଇ ମାର୍ଚ୍ଚ ୨୦ ତାରିଖରେ କେଶଡ଼ିହା ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗଦେଇଛନ୍ତି। କେଶଡ଼ିହା ଉଚ୍ଚ ବିଦ୍ୟାଳୟ ପରିସରରେ ୩ ତାରିଖରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ଚମକପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ, ସାତକୋଶିଆ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧର୍ମେନ୍ଦ୍ର ମହାନ୍ତ, ଏସଏମସି ଅଧ୍ୟକ୍ଷ ଶ୍ରୀରାମ ବଦରା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ସମ୍ପର୍କରେ ମତ ରଖିଥିଲେ। ସ୍କୁଲର ଶିକ୍ଷା ପରିବେଶ, ଶିକ୍ଷାଦାନ ଆଦି କ୍ଷେତ୍ରରେ ସେ ତାଙ୍କର ଛାପ ଛାଡ଼ିଛନ୍ତି ବୋଲି କହିଥିଲେ। ଏହି ଅବସରରେ ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ କରାଯାଇଥିଲା।

ଅତିଥିମାନେ କର୍ମଚାରୀ ଓ ପରିଚାଳନା ମଣ୍ଡଳୀ ପକ୍ଷରୁ ଭୁରିସ୍ରବା ବେହେରାଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ଶିବ ସ୍ୱରୂପ ଦଳେଇ ମଞ୍ଚ ପରିଚାଳନାରେ ସହଯୋଗ କରିଥିବାବେଳେ ଶିକ୍ଷକ ମାନସ ରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁରମୁଣ୍ଡା ବ୍ଲକରୁ ମତଦାନ କରିବେ ୭୬, ୮୮୧ ଭୋଟର

ମହୁଲଡ଼ିହା, ୫।୪( ସମିସ): କରଞ୍ଜିଆ ବିଧାନସଭା କ୍ଷେତ୍ରର ଠାକୁରମୁଣ୍ଡା ବ୍ଲକରେ ୧୦୧ ବୁଥ୍ ହୋଇଛି। ଚଳିତ ବର୍ଷ ୭୬୮୮୧ ଜଣ ଭୋଟର ମତଦାନ କରିବେ ବୋଲି ପ୍ରକାଶିତ ଭୋଟର ତାଲିକାରୁ ଜଣାପଡ଼ିଛି। ପ୍ରଥମ ଥର ପାଇଁ ଜଣେ ଉଭୟ ଲିଙ୍ଗି ଭୋଟର ରହିଥିବା ତାଲିକା ପ୍ରକାଶ ପାଇଛି। କରଞ୍ଜିଆ ନିର୍ବାଚନମଣ୍ଡଳୀରେ ସମୁଦାୟ ୨୪୨ ବୁଥ୍ ଥିବାବେଳେ କେବଳ ଠାକୁରମୁଣ୍ଡାରେ ରହିଛି ୧୦୧ ବୁଥ୍। ସମୁଦାୟ ୩୮୮୬୦ ଜଣ ମହିଳା ଭୋଟର ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୩୮୦୨୦। ବିଭିନ୍ନ ବୁଥ୍ ମଧ୍ୟରୁ ୫ଟି ସଖି ବୁଥ୍ ଯେଉଁଥିରେ ସମସ୍ତେ କେବଳ ମହିଳା ନିର୍ବାଚନ ପରିଚାଳନାକାରୀ ରହିବେ। ୧୦ଟି ବୁଥ୍‌କୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି।

# ରାସ୍ତା ଉପରେ ଓଲଟିଲା ପରିବାବୋଝେଇ ଭ୍ୟାନ୍



ଠାକୁରମୁଣ୍ଡା, ୫।୪ (ସମିସ): ଠାକୁରମୁଣ୍ଡା ନିକଟ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଜୁଆଳିକଟା ନିକଟରେ ଶୁକ୍ରବାର ଭୋର ସମୟରେ ଭାରସାମ୍ୟ ହରାଇ ଏକ ପରିବା ବୋଝେଇ ପିକଅପ୍ ଭ୍ୟାନ୍ ରାସ୍ତାଉପରେ ଓଲଟି ପଡ଼ିଥିଲା। କିନ୍ତୁ ଏହି ଦୁର୍ଘଟଣାରେ କାହାର କୌଣସି କ୍ଷତି ହୋଇନାହିଁ। ସୂଚନାନୁଯାୟୀ, ଟାଟାରୁ ଏକ ଭ୍ୟାନ୍ ଯୋଗେ ଛୁଇଁ ବୋଝେଇ କରି ଗାଡ଼ିଟି ଭୁବନେଶ୍ୱର ଯାଉଥିଲା। କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାଉପରେ ଓଲଟି ପଡ଼ିଥିଲା। ପରେ ଖବର ପାଇ ଠାକୁରମୁଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇଥିଲେ।

# ନବନିର୍ମାଣ କୃଷକ ସଂଗଠନର ବୈଠକ

କୁଆମରା, ୫।୪(ସମିସ): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୋପବନ୍ଧୁନଗର ବ୍ଲକ ଜୟପୁରଠାରେ ବ୍ଲକ ସଭାପତି ରବୀନ୍ଦ୍ର ପୋଥାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପ୍ରଭାରୀ ଚିନ୍ନୁ ଦାଶ ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ସ୍ୱାଧୀନତା ପରେ ବି ଚାଷୀ ଟି ନିଜେ ବଞ୍ଚିବାର ରାହା ପାଉନି। ଏଣୁ ନିଜସ୍ୱ ନୀତିରେ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନକୁ ଆଇନରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଚାଷୀ ସଂଗଠନ କରିବା ପାଇଁ ଉପସ୍ଥିତ ଲୋକେ ସଂକଳ୍ପ ନେଇଥିଲେ। ବିଭିନ୍ନ ଅଞ୍ଚଳରୁ ରାଇମଣୀ ବିଶ୍ୱାଳ, ଅର୍ଜୁନ ବଗାଳ, ପ୍ରଫୁଲ୍ଲ ମଣ୍ଡଳ, ରାମସାଇ ହେମ୍ବ୍ରମ, ସ୍ନେହଲତା ଦାସ, ଦୟାନିଧି ପାଢ଼ୀ, କେଶର ସରେନ, ଦାସରଥୀ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଛତୁ ରୂପରେ ଶ୍ରୀଜଗନ୍ନାଥ ଆବିର୍ଭାବ

# ମାଉସୀ ମା' ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କଲେ ଗ୍ରାମବାସୀ

ମୋରଡ଼ା, ୫।୪(ସମିସ): ମୋରଡ଼ା ବ୍ଲକ ଅନ୍ତର୍ଗତ ଗଡ଼ିଆ ପଞ୍ଚାୟତର ବାଉଁଶ କଣ୍ଟିଆ ଗ୍ରାମରେ ଦୀର୍ଘ ବର୍ଷ ହେବ ଗ୍ରାମବାସୀଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ହୋଇଆସୁଛି। ସେହିଗ୍ରାମର ସୁମିତ୍ରା ନାୟକ ନାମକ ଜଣେ ମହିଳା ଘର ଅଗଣା ଝାଡୁଥିବାବେଳେ ଅର୍ଦ୍ଧନିର୍ମିତ ମାଉସୀ ମା' ମନ୍ଦିର ସାମ୍ନାରେ ତିନଟି ଛତୁ ଫୁଟିଥିବାର ଦେଖିବାକୁ ପାଇଥିଲେ। ଛତୁକୁ ଉପାଡ଼ିବା ପାଇଁ ଚେଷ୍ଟା ମଧ୍ୟ କରିଥିଲେ। ହେଲେ ସେ ଛତୁକୁ ଉପାଡ଼ି ପାରି ନ ଥିଲେ। ଏହି କଥା କହିବା ପରେ ସମସ୍ତେ ଦେଖିଥିଲେ ଯେ ଅର୍ଦ୍ଧନିର୍ମିତ ମନ୍ଦିର ସାମ୍ନାରେ ଧଳା ରଙ୍ଗର ତିନଟି ଛତୁ ଗୋଟିଏ ସରଳ ରେଖାରେ ଅଛନ୍ତି। ଯାହାକୁ ଲୋକମାନେ ମାନିନେଇଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମାତା ସୁଭଦ୍ରା। ଦେଖୁଦେଖୁ ଘଟଣାଟି ଚାରିଆଡ଼େ ବ୍ୟାପୀ ଯାଇଥିଲା। ଏହି ଦୃଶ୍ୟକୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ଛତୁ ରୂପରେ ଭଗବାନ ଦର୍ଶନ ଦେଇଛନ୍ତି ଭାବି ଛତୁକୁ ପୂଜାର୍ଚ୍ଚନା କରି ନାମ ସଂକୀର୍ତ୍ତନ



ମଧ୍ୟ କରାଯାଇଥିଲା। ତେବେ ଏପରି ଘଟଣା ପ୍ରଥମ ନୁହେଁ ବେଳେବେଳେ ଜଗନ୍ନାଥ ବହୁ ରୂପରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଏହାହିଁ ହେଉଛି ଭଗବାନଙ୍କ ପ୍ରତି ଭକ୍ତି, ଆସ୍ଥା ଓ ଭକ୍ତଙ୍କ ପ୍ରେମ ଏବଂ ବିଶ୍ୱାସ ବୋଲି ସୁମିତ୍ରା ନାୟକ ପ୍ରକାଶ କରିଛନ୍ତି।

# ରାମନବମୀ ପାଇଁ ପ୍ରସ୍ତୁତି ବୈଠକ

ବୈଶିଙ୍ଗା, ୫।୪(ସମିସ): ଆସନ୍ତା ବାସନ୍ତୀକ ଦୁର୍ଗାପୂଜା ଅବସରରେ ରାମନବମୀ ଦିନ ହନୁମାନ ବାଟିକାଠାରେ 'ରାମନବମୀ ଉତ୍ସବ' ପାଳନ କରାଯିବ ବୋଲି କମିଟି ତରଫରୁ ସୂଚନା ମିଳିଛି। ହନୁମାନ ବାଟିକାଠାରେ ନବନିର୍ମିତ ହନୁମାନ ମନ୍ଦିର ଗତ ଜାନୁଆରୀରେ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିରର ଦୈନନ୍ଦିନ ସେବା, ଅର୍ଚ୍ଚନା କରାଯିବା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଆସନ୍ତା ବାସନ୍ତୀକ ଦୁର୍ଗାପୂଜାରେ ଏହି ମନ୍ଦିରରେ ରାମନବମୀ ଉତ୍ସବ ମହାସମାରୋହରେ ପାଳନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି। ଏଥିପାଇଁ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଗଦାଧର ମଣ୍ଡଳ, ସମ୍ପାଦକ ବିଶ୍ୱମ୍ବର ରାଉତ, କୋଷାଧ୍ୟକ୍ଷ ଜୟନ୍ତ ପରିଡ଼ାଙ୍କ ସମେତ ଅଜୟ କୁମାର ସାହୁ, ଜନ୍ମେଞ୍ଜୟ ଭଞ୍ଜ, ଅଜିତ ସେନାପତି, ସତ୍ୟପ୍ରକାଶ ପ୍ରଧାନ, ଓମପ୍ରକାଶ କର, ପୂଜକ ସତ୍ୟବ୍ରତ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଶ୍ରଦ୍ଧାଳୁମାନଙ୍କୁ ଯୋଗ ଦେବାପାଇଁ କମିଟି ତରଫରୁ ନିବେଦନ କରାଯାଇଛି।

# କାଶୀରାଜ ବୈଦ୍ୟ ସଂଘର ସମ୍ପାଦକ ଯୁଗଳ ମହାନ୍ତଙ୍କ ପରଲୋକ



ରାଇରଙ୍ଗପୁର, ୫।୪(ସମିସ): କୁସୁମି ବ୍ଲକ ଅନ୍ତର୍ଗତ କୁମୁଡ଼ାଶୋଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମୁନିରାଜ ଯୁଗଳ କିଶୋର ମହାନ୍ତ (୮୧)ଙ୍କ ପରଲୋକ ହୋଇଯାଇଛି। ସେ ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ ହେବା ସହିତ ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସକ ମଧ୍ୟ ଥିଲେ। ଭାନୁମତୀ ଦାନ୍ତବ୍ୟ ଚିକିତ୍ସାଳୟ ମାଧ୍ୟମରେ ଜନ୍ମରୁ ୫ ବର୍ଷ ବୟସର ଶିଶୁମାନଙ୍କୁ ମାଗଣାରେ ଚିକିତ୍ସା କରୁଥିଲେ। ତାଙ୍କର ଏକାଧିକ ପରିଚୟ ଥିଲା କାଶୀରାଜ ବୈଦ୍ୟସଂଘର ସମ୍ପାଦକ ଏବଂ କୁମୁଡ଼ାଶୋଳ ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲିଶ୍ରୀ କ୍ଲବର ପ୍ରତିଷ୍ଠାତା ଓ ଆଜୀବନ ଉପଦେଷ୍ଟା ଥିଲେ। କୁସୁମି ବ୍ଲକ ଜୟପୁର ସରସ୍ୱତୀ ଶିଶୁ ମନ୍ଦିର ସଭାପତି ପଦବୀ ମଣ୍ଡନ ମଧ୍ୟ କରିଥିଲେ। ପ୍ରାୟ ୫୦ ବର୍ଷ ପୂର୍ବେ ତାଙ୍କ ଶିକ୍ଷକତା ସମୟରେ ନିଜସ୍ୱ ଉଦ୍ୟମରେ ଜେ.କେ. ଜନକଲ୍ୟାଣ ପାଠାଗାର ଆରମ୍ଭ କରି ଏ ଅଞ୍ଚଳର ଜନସାଧାରଣଙ୍କ ଶିକ୍ଷା, ଭାଷା ଓ ସଂସ୍କୃତି କୁ ବିକଶିତ କରିବାରେ ଅଗ୍ରଣୀ ଭୂମିକା ତୁଲାଇଥିଲେ। ଉକ୍ତ ପାଠାଗାରଟି ବର୍ତ୍ତମାନ ପଲ୍ଲିଶ୍ରୀ କ୍ଲବ ଦ୍ୱାରା ପରିଚାଳିତ ହେଉଅଛି। ମୃତ୍ୟୁ ସମୟରେ ତାଙ୍କ ଦୁଇ ବିଧବା ପୁତ୍ରବଧୂଙ୍କ ସହିତ ନାତିନାତୁଣୀ, ଝିଅଜ୍ୱାଇଁ ସମସ୍ତେ ଉପସ୍ଥିତ ଥିଲେ। ଏକାଧିକ ବ୍ୟକ୍ତିତ୍ୱର ଅଧିକାରୀ ଯୁଗଳ ବାବୁଙ୍କ ପରଲୋକ ଖବର ଶୁଣି କୁସୁମି ବ୍ଲକ ସହିତ ସମଗ୍ର ବାମନଘାଟି ଉପଖଣ୍ଡରେ ଶୋକର ଛାୟା ଖେଳିଯାଇଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଶୁଳିଆପଦା, ୫।୪(ସମିସ): ଶୁଳିଆପଦା ବ୍ଲକ କଣ୍ଟିସାହି ପଞ୍ଚାୟତ ଅଧୀନ କୁସୁମି ଗ୍ରାମର ସ୍ୱର୍ଗତ ଶରତ ଚନ୍ଦ୍ର ବାରିକଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ମହିଳା ପ୍ରେମଲତା ବାରିକଙ୍କ ଆଜି ଭୋର ୪ଟା ସମୟରେ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସୂଚନା ମୁତାବକ ଆଜି ଭୋର୪ ଟା ସମୟରେ ନିତ୍ୟକର୍ମ ସାରି ଘର ପିଣ୍ଡାକୁ ଉଠିବା ସମୟରେ କୌଣସି କାରଣ ବସତଃ ପିଣ୍ଡାରେ ବସୁବସୁ ଓଲଟି ପଡ଼ିଥିଲେ। ଏହି କାରଣରୁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ସ୍ୱର୍ଗତଃ ବାରିକ ଜଣେ ସ୍ପଷ୍ଟବାଦୀ, ପରୋପକାରୀ ଓ ଧର୍ମନିଷ୍ଠ ମହିଳା ଭାବେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାର ହେବାପରେ ଘର ଅଗଣା ଲୋକାରଣ୍ୟ ପାଲଟିଥିଲା। ପୁଅ, ବୋହୁ, ପୁତୁରା, ପୁତୁରାବହୁ, ନାତି, ନାତୁଣୀ, ଜ୍ଞାତି, କୁଟୁମ୍ବ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ଶୋକାକୂଳ ପରିବେଶରେ ଗାଁ ମଶାଣିରେ ତାଙ୍କର ଶେଷକୃତ କରାଯଇଥିଲା।

# ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଣିକ ସଂଘର ଧାରଣା



ମୋରଡ଼ା, ୫।୪(ସମିସ): ମୋରଡ଼ା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ମୋରଡ଼ା ବଣିକ ସଂଘ ତରଫରୁ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦିଆଯାଇଛି। ତେବେ ବଣିକ ସଂଘର ସଭାପତି ସୌରଭ ରଞ୍ଜନ ମହାନ୍ତିଙ୍କ ଅଭିଯୋଗ କ୍ରମେ ମୋରଡ଼ାରେ ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ଉଠିଥିଲା। ଶେଷରେ ମୋରଡ଼ା ପୁଲିସ ପ୍ରଶାସନ, ବ୍ଲକ ପ୍ରଶାସନ ଏବଂ ତହସିଲ ପ୍ରଶାସନ ମିଶି ଡ୍ରେନ ପାଇଁ ଯେଉଁ ଗାତ ଖୋଳା ଯାଇଥିଲା ତାହାକୁ ପୋତି ଦେଇଥିଲେ। କିନ୍ତୁ ଯେଉଁ ବ୍ୟକ୍ତିମାନେ ପ୍ରଶାସନର ସମ୍ପତ୍ତିକୁ ନଷ୍ଟ କରିଥିଲେ ବା ଖୋଳିଥିଲେ ଏବଂ ଖୋଳିବା ସମୟରେ ମୋରଡ଼ାର ପ୍ରତିଷ୍ଠିତ ବ୍ୟବସାୟୀ ବିବେକାନନ୍ଦ ବିନ୍ଧାଣି ବାରଣ କରିବାରୁ ତାଙ୍କୁ ସଂଘବଦ୍ଧ ଭାବରେ ଆକ୍ରମଣ କରିଥିବା ଯୁବକମାନଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଥିଲେ। ଯେତେ ପର୍ଯ୍ୟନ୍ତ ଦୋଷୀକୁ ଦଣ୍ଡ ନ ମିଳିଛି ସେତେ ପର୍ଯ୍ୟନ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଘ ସଭାପତି ପ୍ରକାଶ କରିଥିଲେ। ତେବେ ଉକ୍ତ ଧାରଣାକୁ ପ୍ରଥମ ଦିନରେ ସମର୍ଥନ ଜଣାଇଛି ଓଡ଼ିଶା ସୂଚନା ଅଧିକାର ଅଭିଯାନର ମୟୂରଭଞ୍ଜ ଶାଖାର ସୂଚନା ଅଧିକାର ସାମାଜିକ କର୍ମୀ ମହେଶ୍ୱର ମହାନ୍ତି। ତେବେ ଗାତ ଖୋଳି ପୋତିଦେଲେ ସମସ୍ୟାର ସମାଧାନ ହେବନାହିଁ ବରଂ ଯେଉଁମାନେ ଏହି କାର୍ଯ୍ୟ କରିଛନ୍ତି ତୁରନ୍ତ ସେମାନଙ୍କୁ ଗିରଫ କରାଯାଉ ବୋଲି ଦାବି ରଖିଥିଲେ ଶ୍ରୀ ମହାନ୍ତି।

# ଜେଏମ୍‌ଏମ୍ ପକ୍ଷରୁ ବୈଠକ

ରାଇରଙ୍ଗପୁର, ୫।୪(ସମିସ): ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷା ଅଞ୍ଜନୀ ସୋରେନ ମାର୍ଣ୍ଡିଙ୍କ ଘୋଡ଼ାଡ଼େଗା ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୁସୁମୀ ବ୍ଲକର ୧୦ଟି ପଞ୍ଚାୟତର ବୁଥ କମିଟି ଗଠନ କରାଯାଇଛି। ଏହା ବ୍ୟତୀତ ଜେଏମ୍‌ଏମ ରାଜ୍ୟ ଉପସଭାପତି ଶ୍ୟାମ କିସ୍କୁ କହିଥିଲେ ଯେ, ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ କରାଯାଇଛି। ବୈଠକରେ ବାଲେଶ୍ୱର ଜିଲ୍ଲାର ବସ୍ତା ନିର୍ବାଚନମଣ୍ଡଳୀର କର୍ମକର୍ତ୍ତା, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା ଜିଲ୍ଲା ଓ ମୟୂରଭଞ୍ଜ ଜିଲ୍ଲା କର୍ମକର୍ତ୍ତାମାନେ ଅଧ୍ୟକ୍ଷାଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଶ୍ୟାମ କିସ୍କୁ, ରାଜ୍ୟ ସମ୍ପାଦକ ଦୁବରାଜ ନାଗ, ସାଂଗଠନିକ ସମ୍ପାଦକ ସାଲୁ କିସ୍କୁ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା



ଉପସଭାପତି ଭୁବନ ଟୁଡୁ, ସମ୍ପାଦକ ଘନଶ୍ୟାମ ପିଙ୍ଗୁଆ, କୁସୁମୀ ବ୍ଲକ ସଭାପତି ଛଟରାମ ସୋରେନ, ଉପସଭାପତି ବାବୁଲା ମାର୍ଣ୍ଡି, ସମ୍ପାଦକ ବାରିୟାଲ ଟୁଡୁ ଏବଂ କୁସୁମୀ ବ୍ଲକର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିଶୁ ଚୋରି ଅଭିଯୋଗରେ ମହିଳା ଗିରଫ

ଠାକୁରମୁଣ୍ଡା, ୫।୪(ସମିସ): କରଞ୍ଜିଆ ବସ୍‌ଷ୍ଟାଣ୍ଡରୁ ଗୁରବାର ଶିଶୁ ପୁତ୍ରକୁ ଚୋରି କରିବା ଅଭିଯୋଗରେ ଠାକୁରମୁଣ୍ଡା ଥାନା ପୁଲିସ ଶୁକ୍ରବାର ଠାକୁରମୁଣ୍ଡାରୁ ଶିଶୁକୁ ଉଦ୍ଧାର କରିବା ସହିତ ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ କରି କରଞ୍ଜିଆ ଥାନାକୁ ପଠାଇଛି। ସୂଚନାନୁଯାୟୀ, କରଞ୍ଜିଆର ଅର୍ଜୁନ ନାଏକଙ୍କ ସ୍ତ୍ରୀ ଭୂଜତିଙ୍କ ୩ ବର୍ଷର ପୁଅ ନୁହୁର ଦେହ ଖରାପ ଥିବାରୁ କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏହି ସମୟରେ ସେ କରଞ୍ଜିଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ରକୁ ପୁଅ ନୁହୁକୁ ନେଇ ଖୁଆଇ ଥିଲେ। ଆହାର କେନ୍ଦ୍ରରେ ଖାଇ ସାରିବା ପରେ ଭୂଜତି ବସ୍‌ଷ୍ଟାଣ୍ଡକୁ ଆସି ଏକ ଦୋକାନରୁ ଖୋଲାବସ୍ତା ମାଗି ଆଣି ଦୋକାନ କଡ଼ରେ ପୁଅ ନୁହୁକୁ ଶୁଆଇ ଦେଇଥିଲେ। ପରେ ଦିନ ପ୍ରାୟ ୪ଟା ପରେ ଶୋଇଥିବା ପୁଅ ନିଦରୁ ଉଠିବା ପରେ ମା' ଭୂଜତି ଦୋକାନରୁ ମାଗି ଆଣିଥିବା ବସ୍ତାକୁ ଫେରାଇବାକୁ



ଯାଇ ଫେରିବା ପରେ ପୁଅକୁ ପାଇ ନଥିଲେ। ପରେ ଷ୍ଟାଣ୍ଡରେ ପୁଅକୁ ଖୋଜି ନ ପାଇବାରୁ କରଞ୍ଜିଆ ଥାନାରେ ପୁଅକୁ କେହି ଚୋରି କରିଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କରଞ୍ଜିଆ ଥାନା ପୁଲିସ କରଞ୍ଜିଆ ଓ ଠାକୁରମୁଣ୍ଡା ଥାନା ପୁଲିସ ଶିଶୁକୁ ଖୋଜିଥିଲେ। ଶୁକ୍ରବାର ଠାକୁରମୁଣ୍ଡା ଥାନା ପୁଲିସ ଖୋଜି ଶିଶୁକୁ ଠାବ କରିଥିଲେ। ଠାକୁରମୁଣ୍ଡା ଥାନା ଅଧିକାରୀ ସାବିତ୍ରୀ ଦଳେଇ, ଜାମିନୀ ମହାନ୍ତ, ପାର୍ବତୀ ମାରାଣ୍ଡି ଠାକୁରମୁଣ୍ଡା ମନ୍ଦିର ସାହିରୁ କବିତା ନାଏକଙ୍କ ଘରୁ ଶିଶୁ ପୁତ୍ରକୁ ଉଦ୍ଧାର କରିଥିଲେ। ଘଟଣା ଦିନ କରଞ୍ଜିଆ ବସ୍‌ଷ୍ଟାଣ୍ଡରୁ ବସ୍‌ରେ ବସାଇ ଶିଶୁକୁ ଠାକୁରମୁଣ୍ଡା ନେଇ ଆସିଥିବା କବିତା ନାଏକ ନାମକ ମହିଳାଙ୍କୁ ଗିରଫ କରି କରଞ୍ଜିଆ ଥାନାକୁ ହସ୍ତାନ୍ତର କରିଥିଲେ। ପୁଅ ଖୋଜିବାକୁ ଠାକୁରମୁଣ୍ଡା ଆସିଥିବା ଶିଶୁର ମା' ଉଦ୍ଧାର ଶିଶୁକୁ ଚିହ୍ନଟ କରି ଠାକୁରମୁଣ୍ଡା ଥାନରୁ ଶିଶୁକୁ ନେଇ ଥିଲେ।

**ପାରଦ ଛୁଇଁଲାଣି ୪୦ ଡିଗ୍ରୀ**

# ତାତିରେ ଅସହ୍ୟ ଜନଜୀବନ

ଆନନ୍ଦପୁର,୬।୪(ସମିସ)





ଚଳିତ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ତାପମାତ୍ରା ରେକର୍ଡ ଅତିକ୍ରମ କରି ଆଜି ସର୍ବାଧିକ ୪୦ ଡିଗ୍ରୀ ସେଲସିୟସକୁ ପାରଦ ଛୁଇଁଥିବା ଜଣାଯାଇଛି। ଆନନ୍ଦପୁର କେନ୍ଦ୍ରୀୟ ଜଳ ଆୟୋଗ ନିର୍ଦ୍ଦେଶାଳୟ ପକ୍ଷରୁ ରେକର୍ଡ କରାଯାଇଥିବା ତାପମାତ୍ରା ଅନୁଯାୟୀ ଆଜି ସକାଳ ୮.୩୦ ସୁଦ୍ଧା ୨୯.୫ ଡିଗ୍ରୀ ସେଲସିୟସ ଥିବା ବେଳେ ଦିନ ୧ଟା ସୁଧା ୩୯.୫ ଡିଗ୍ରୀ ସେଲସିୟସକୁ ଛୁଇଁଥିଲା। ଆଜିର ଏହି ସର୍ବାଧିକ ତାପମାତ୍ରା ଯୋଗୁ ଆନନ୍ଦପୁରରେ ଜୀବନଯାତ୍ରା ବେଶ ପ୍ରଭାବିତ ହୋଇଛି। ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ହେବାସହ ରାସ୍ତାଘାଟ ଶୂନଶାନ ହୋଇଯାଉଥିବା ଦେଖାଯାଇଛି। ପ୍ରବଳ ଖରା ଯୋଗୁଁ ସାରା ରାଜ୍ୟରେ ଉତ୍ତାପ ବୃଦ୍ଧି ପାଉଥିବା ବେଳେ ଆନନ୍ଦପୁର ସହରର ତାପମାତ୍ରା ବୃଦ୍ଧି ପାଇଛି। ସକାଳ ୮ଘଟିକା ଠାରୁ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ମଧ୍ୟାହ୍ନ ୧୨ଟା ପୂର୍ବରୁ ଲୋକମାନେ ଘରମୁହାଁ ହେଉଥିବାର ଦେଖାଯାଇଛି। ବିଶେଷ କରି ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଅଫିସକୁ ଦୂରଦୂରାନ୍ତରୁ ଆସୁଥିବା ଲୋକାମାନେ ପ୍ରଚଣ୍ଡ ରୁଦ୍ରତାପ ଯୋଗୁଁ ଛାଇ ସ୍ଥାନରେ ଆଶ୍ରୟ ନେବା ସହ ଥଣ୍ଡାପାନୀୟ ପିଉଥିବାର ଦେଖାଯାଇଛି। ପୌରପରିଷଦ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲିବାରେ ବିଳମ୍ବ ଯୋଗୁଁ ପଥଚାରୀମାନେ ପାନୀୟ ଜଳ ପାଇଁ ହଇରାଣ ହରକତ ହେଉଥିବା ଦେଖାଯାଇଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ବୟସ୍କ ଲୋକଙ୍କ ଠାରୁ ଆରମ୍ଭ କରି ଛୋଟ ଛୋଟ ଶିଶୁ ଓ ସାଧାରଣ ଲୋକ ଗରମରେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଥିବାର ଦେଖାଯାଇଛି। ତାପମାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସ୍କୁଲ କଲେଜ ସକାଳୁଆ ଆରମ୍ଭ କରିଥିଲେ ମଧ୍ୟ କ୍ରମଶଃ ବୃଦ୍ଧି ପାଉଥିବା ତାପମାତ୍ରା ଜନଜୀବନକୁ ହନ୍ତସନ୍ତ କରିପକାଇଛି। ତେବେ ସର୍ବାଧିକ ତାପମାତ୍ରା ଦୃଷ୍ଟିରୁ ସ୍କୁଲ କଲେଜରେ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ତଦାରଖ କରିବା ସହିତ ସ୍କୁଲ ବସ୍‌ରେ ଆବଶକୀୟ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ ହୋଇପଡିଛି।

## ତତଲା କଡ଼େଇରେ ତେଲକୋଇ

**ତେଲକୋଇ,୬।୪(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ କିଛି ଦିନ ହେବ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ତତଲା ଝାଞ୍ଜି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ତାପମାତ୍ରା ବୃଦ୍ଧି ପାଉଥିବା ନେଇ ଲୋକେ ଅଣ ନିଶ୍ୱାସୀ ହୋଇଗଲେଣି। ସେହିପରି ସକାଳ ୮ଟାରୁ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ବୃଦ୍ଧି ପାଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍ୱର୍ଯ୍ୟର ଉତ୍ତାପ ବହୁ ପ୍ରଖର ରହିଛି। ଗ୍ରୀଷ୍ମ ପ୍ରବାହ ତାତି ଯୋଗୁଁ ବିଭିନ୍ନ ଛକ ବଜାର ୧୧ଟା ପରେ ଜନଶୂନ୍ୟ ପରି ଲାଗୁଛି। ଅନ୍ୟ ପକ୍ଷରେ ବ୍ୟାଙ୍କ, ବିଭିନ୍ନ ଜେରକ୍ସ ଦୋକାନରେ ତଥା ଆଧାର କେନ୍ଦ୍ର ମାନଙ୍କରେ ସକାଳ ୯ଟା ରୁ ୧୦ଟା ପର୍ଯ୍ୟନ୍ତ ଭିଡ଼ ରହୁଥିଲେ ହେଁ କାର୍ଯ୍ୟ ନ ସାରି ମଧ୍ୟ ଲୋକେ ଘରକୁ ଫେରି ଯାଉଥିବା ନଜିର ରହିଛି। ତେବେ ତେଲକୋଇରେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଅତିକ୍ରମ କରୁଥିବା ଅନୁମାନ କରାଯାଉଛି। ଫଳରେ ଅଞ୍ଚଳରେ ଦିନ ମଜୁରିଆ, ସ୍କୁଲ ଛାତ୍ରଛାତ୍ରୀଙ୍କ ଉପରେ ଗରମର ପ୍ରବାହ ପଡୁଥିବା ଦେଖା ଦେଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ତେଲକୋଇ ତତଲା କଡ଼େଇ କହିଲେ ଅତ୍ୟୁକ୍ତି ହେବ ନାହିଁ। ତାତି ନ କମିଲେ ଯାଏଁ ନିସ୍ତାର ନାହିଁ ବୋଲି କୁହାଯାଉଛି।



## ଦୁର୍ଘଟଣାରେ ମୃତ କାର୍ତ୍ତିକଙ୍କ ପରିବାରକୁ ସହାୟତା ନିବେଦନ

ଆନନ୍ଦପୁର,୬।୪(ସମିସ): ୨୦ନଂ ଜାତୀୟ ରାଜପଥ ଶାଳପଡ଼ା କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଗତ ମାର୍ଚ୍ଚ ୧୩ ତାରିଖ ସଡ଼କ ଦୁର୍ଘଟଣା ଘଟିଥିଲା। ଦୁଇଟି ବାଇକ୍ ଉପରେ ଲୁହାପଥର ବୋଝେଇ ଟ୍ରକ୍ ମାଡ଼ିଯାଇଥିଲା। ଏଥିରେ ପୌରପରିଷଦର ୪ନଂ ୱାଡର୍ ଅନ୍ତର୍ଗତ କେଦାର ସେଠୀଙ୍କ ପୁଅ କାର୍ତ୍ତିକ (୨୫)ଙ୍କ ସମେତ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତ କାର୍ତ୍ତିକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁତ୍ର ଥିଲେ। ତାଙ୍କ ମୃତ୍ୟୁ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଆର୍ଥିକ ଅନଟନରେ କାଳ କାଟୁଛନ୍ତି। ତେଣୁ ପ୍ରଶାସନ ହେଉ ଅଥବା ଜାତୀୟ ରାଜପଥ ବିଭାଗ ହେଉ କାର୍ତ୍ତିକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଲେ ପରିବାର ଲୋକଙ୍କର ବଞ୍ଚିବାର ମାନଦଣ୍ଡରେ ସୁଧାର ଆସନ୍ତା ବୋଲି ମୃତ କାର୍ତ୍ତିକଙ୍କ ସମ୍ପର୍କୀୟ ଭାଇ ଦୀପକ ସେଠୀଙ୍କ ସହ ପୌରାଞ୍ଚଳବାସୀ ଦାବି କରିଛନ୍ତି।

## ବିପଦ ବଢ଼ାଉଛି ଗାଁ ମୁଣ୍ଡରେ ଅର୍ଦ୍ଧଭଗ୍ନ ପୋଲ



ହାଟଡ଼ିହୀ,୬।୪(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଜମ୍ବିରା ପଞ୍ଚାୟତ ସୁନ୍ଦରପାଳ ଗ୍ରାମ ୪ନଂ ୱାଡର୍‌ର ପ୍ରବେଶ ପୋଲଟି ଦୀର୍ଘବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ବିଭାଗ ପକ୍ଷରୁ ଏହାର ମରାମତି କରାନଯିବାରୁ ଏହା କାଳକ୍ରମେ ଭାଙ୍ଗି ଏବେ ଅର୍ଦ୍ଧଭଗ୍ନ ଅବସ୍ଥାରେ ପହଞ୍ଚି ଯାଇଛି। ଗ୍ରାମର ଏହି ସାହିରେ ୪୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସେମାନଙ୍କ ଯାତାୟାତ ସହ ସ୍କୁଲ୍-କଲେଜ୍ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା କୁନି କୁନି ପିଲାଙ୍କ ପାଇଁ ବିପଦ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଉଛି। ପୋଲର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆବଶ୍ୟକ ସମୟରେ ଉକ୍ତ ପୋଲ ଦେଇ ଗାଁ ଭିତରକୁ ଜରୁରୀକାଳୀନ ଯାନବାହନ ମଧ୍ୟ ପ୍ରବେଶ କରୁନାହିଁ। ଶୃଙ୍ଖଳା ପାଗରେ ଯାହା ଯେମିତି ଚଳିଯାଉଥିଲେ ସୁଦ୍ଧା ବର୍ଷା ଦିନେ ଗ୍ରାମବାସୀଙ୍କୁ ନାହିଁ ନଥିବା ସମସ୍ୟା ଭୋଗିବାକୁ ପଡ଼ିଥାଏ। ଅନ୍ୟପଟେ ମେଗା ପାନୀୟଜଳ ପ୍ରକଳ୍ପ ଦ୍ୱାରା ପାଣି ପାଇପ୍ ବିଛାଯିବା ଯୋଗୁଁ ଠିକାଦାର ଗାଁ ଭିତରର କଂକ୍ରିଟ ରାସ୍ତାକୁ ଖୋଳି ରାସ୍ତାର ଅବସ୍ଥା ବେହାଲ୍ କରି ଛୁ' ମାରିଛି। ଯାହା ଫଳରେ ଉକ୍ତ ଫଟା ଦଦରା ରାସ୍ତାରେ ଯା'ଆସ କରିବା ସମ୍ଭବ ହେଉନାହିଁ। ଏଭଳି ସମସ୍ୟା ଉପରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଅର୍ଦ୍ଧଭଗ୍ନ ପୋଲ ସହ ଗାଁ ରାସ୍ତାର ମରାମତି କରାଇବାକୁ ଗ୍ରାମର ଅଲେଖ ପାତ୍ର, ଅନାଦି ପାତ୍ର, ବିନୋଦ ପାତ୍ର, କବିତା ପାତ୍ର, ପାର୍ବତୀ ପାତ୍ର, ବାସନ୍ତୀ ପାତ୍ର, ତାରାମଣି ପାତ୍ର, ବଳରାମ ପାତ୍ର, କୁନି ପାତ୍ର, ଭାରତୀ ପାତ୍ର, ବୈଲୋଚନ ପାତ୍ର, ଜୟନ୍ତୀ ପାତ୍ର, ପ୍ରେମଲତା ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ସନ୍ତୋଷ, ଶଶିକାନ୍ତ, ଦାମୋଦର ପାତ୍ର, ମିଥୁନ ପାତ୍ର, ଶ୍ରୀକାନ୍ତ ପାତ୍ର, ଅଭିମନ୍ୟୁ ଜେନା, ଆଲୋକ ଜେନା, ରଞ୍ଜନ ପାତ୍ର ପ୍ରମୁଖ ଦାବି କରିଛନ୍ତି।

## ବନ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଖଣି କମ୍ପାନୀ ସମନ୍ୱୟ ବୈଠକ

**ଯୋଡ଼ା,୬।୪(ସମିସ):** ପୃଥକ୍ ଭାବରେ ବିଦ୍ୟୁତ୍ ଟ୍ରାନ୍ସମିଶନ ଲାଇନ୍ ନନେଇ କିପରି ମଲ୍ଟିସର୍କିଟ ସର୍ଭିସ୍ ଟ୍ରାନ୍ସମିଶନ ଲାଇନର ଉପଯୋଗ କରିହେବ ସେ ନେଇ ଯୋଡ଼ା ବ୍ଲକ ବିଲେଇପଦାଠାରେ ଏକ ଶୁକ୍ରବାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍‌ସିସିଏଫ୍ ରାଉରକେଲା ପି.ରାମ ସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦୁଝର ଡିଏଫ୍‌ଓ ଧନରାଜ୍ ହନୁମନ୍ତ, ବଣେଇ ଡିଏଫ୍‌ଓ ଲଳିତ ପାତ୍ର, ଏସିଏଫ୍ ଅଶୋକ ଦାସ ଓ ଜିତେନ୍ଦ୍ର ବେହେରା, ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ, ବଡବିଲ ରେଞ୍ଜର ରଞ୍ଜନ କାର୍ଲୋ, ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ, ଓପିଟିସିଏଲ୍, ପାୱାର ଗ୍ରୀଡ, ଟାଟା ପାୱାରର ଅଧିକାରୀଙ୍କ ସମେତ ଯୋଡ଼ା ଏବଂ କୋଇଡ଼ା ଖଣି କ୍ଷେତ୍ରର ରୁଙ୍ଗଟା ମାଇନସ, ଜେଏସ ଡବ୍ଲୁ ଷ୍ଟିଲ, ଟାଟାଷ୍ଟିଲ ମାଇନସ ଡିଭିଜନ, ନାର୍ଭେରାମ ପାୱାର, ଆର୍ସେଲର ମିତ୍ତଲ, ଜେ ଏସ ପି ଏଲ, ଓଏମସି, ତ୍ରିବେଣୀ ଆର୍ଥ ମୁଭର୍ସ, କଶଭି ଇଣ୍ଟର ନେସନାଲ, ଶ୍ରୀ ମେଟାଲିକସ ଓ ଏମଏସ୍‌ପି କେନ୍ଦୁଝର ଭଳି ୧୧ଟି ଖଣି କମ୍ପାନୀର ଅଧିକାରୀ ଯୋଗ ଦେଇଥିଲେ। ଏହି ଖଣି କ୍ଷେତ୍ରରେ ଯେଉଁ ସବୁ କମ୍ପାନୀ ଗୁଡ଼ିକ ସିଙ୍ଗଲ୍ ଟ୍ରାନ୍ସମିସନ ଲାଇନ୍ ବ୍ୟବହାର କରୁଛନ୍ତି ସେଗୁଡିକୁ କିପରି ମଲ୍ଟିସର୍କିଟ ସର୍ଭିସ୍ ଟ୍ରାନ୍ସମିଶନ ଲାଇନରେ ପରିବର୍ତ୍ତନ କରିହେବ ସେ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ଯେଉଁ ସବୁ ଟ୍ରାନ୍ସମିଶନ ଲାଇନ୍ ଜଙ୍ଗଲ ଦେଇ ଯାଇଛି ସେଗୁଡ଼ିକୁ ପ୍ରାଥମିକତା ଦେଇ ଏହି ମଲ୍ଟି ସର୍କିଟ ସର୍ଭିସ୍ ଟ୍ରାନ୍ସମିଶନ ଲାଇନର ସମ୍ଭାବନାକୁ ଆପଣାଇବା ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସମସ୍ତେ ପୃଥକ୍ ଭାବରେ ଟ୍ରାନ୍ସମିଶନ ଲାଇନ୍ ନ ନେଇ ଆଗାମୀ ୫ରୁ ୧୦ ବର୍ଷ ଭିତରେ କେଉଁ ସଂସ୍ଥାର କେତେ ବିଦ୍ୟୁତର ଆବଶ୍ୟକତା ରହିଛି ସେହି ଅନୁସାରେ ଏକ ଯୋଜନା ପ୍ରସ୍ତୁତ କରି ମଲ୍ଟି ସର୍କିଟ ସର୍ଭିସ୍ ଟ୍ରାନ୍ସମିଶନ ଲାଇନ୍ ନେଲେ ଆଉ ଅଲଗା ଅଲଗା ଟାୱାର କରିବାକୁ ପଡ଼ିବ ନାହିଁ। ଗୋଟିଏ ଟାୱାରରେ ହିଁ ଏକାଧିକ ଟ୍ରାନ୍ସମିଶନ ଲାଇନ୍ ଯାଇପାରିବ। ଏହାଦ୍ୱାରା ବନ୍ୟପ୍ରାଣୀ ସୁରକ୍ଷିତ ରହିବା ସହ ଜଙ୍ଗଲର ସଂରକ୍ଷଣ ହୋଇପାରିବ ବୋଲି କେନ୍ଦୁଝର ଡିଏଫ୍ ଓ କହିଛନ୍ତି। ଏହି ମଲ୍ଟି ସର୍କିଟ ସର୍ଭିସ୍ ଟ୍ରାନ୍ସମିଶନ ଲାଇନ୍ ପାଇଁ କିଛି କମ୍ପାନୀ ସହମତି ପ୍ରଦାନ କରିଥିବା ସେ କହିଛନ୍ତି।



## ରୋଟାରୀ ଗଭର୍ଣ୍ଣରଙ୍କ ଯୋଡ଼ା କ୍ଲବ୍ ପରିଦର୍ଶନ

**ଯୋଡା,୬।୪(ସମିସ):** ଅସହାୟକଙ୍କ ନିକଟରେ ପହଞ୍ଚିବା ରୋଟାରୀର ମୂଳ ଲକ୍ଷ। କ୍ଷୁଦ୍ଧାର୍ଥଙ୍କୁ ଖାଦ୍ୟ, ଅସହାୟକଙ୍କୁ ସହାୟତା ଯୋଗାଇଦେବା ପ୍ରତ୍ୟେକ ରୋଟାରୀଆନଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ରୋଟାରୀ ଜିଲ୍ଲା - ୩୨୬୨ର ଗଭର୍ଣ୍ଣର ରୋଟାରୀଆନ ଜୟଶ୍ରୀ ମହାନ୍ତୀ କହିଛନ୍ତି। ତାଙ୍କର ଯୋଡା ରୋଟାରୀ କ୍ଲବ ପରିଦର୍ଶନ ସମୟରେ ଯୋଡାସ୍ଥିତ ଟାଟା ଷ୍ଟିଲ ଭ୍ୟାଲି କ୍ଲବ ସଭାଗୃହରେ ଆୟୋଜିତ କ୍ଲବର ଏକ ସାନ୍ଧ୍ୟ ଅଧିବେଶନରେ ଯୋଡା ରୋଟାରୀଆନ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ରୋଟାରୀ କ୍ଲବର ସଭାପତି ରୋଟାରୀଆନ ସ୍ନିଗ୍ଧା କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସହସମ୍ପାଦକ ସ୍ୱରୁପ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନୀୟ ଅତିଥି ଭାବେ ସହକାରୀ ଗଭର୍ଣ୍ଣର ରୋଟାରୀଆନ ମାଙ୍ଗିଲାଲ ବଳଦେବା, ରୋଟାରୀଆନ ତନମୟ ମହାନ୍ତି ଯୋଗଦେଇଥିଲେ। ରୋଟାରୀଆନ ସାଇ ଶିବା ମଞ୍ଚ ପରିଚାଳନା କରିଥିବା ବେଳେ ରୋଟାରୀଆନ ସିଦ୍ଧାର୍ଥ ସାରଥି କର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଡା. ମାଧବ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡା ମହିଳା ମହାବିଦ୍ୟାଳୟର ଅଧକ୍ଷା ଡା. ମୃଦଳା ମହାନ୍ତିଙ୍କୁ ଯୋଡା ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ରୋଟାରୀ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଅନୀଲ କୁମାର ଗିରିଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଯୋଡା ରୋଟାରୀ କ୍ଲବ ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀନଙ୍କ ମଧ୍ୟରେ ପୂର୍ବ ଅନୁଷ୍ଠିତ ଚିତ୍ରାଙ୍କନ, ତର୍କ ଓ ରଚନାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଡା କ୍ଲବର ସମସ୍ତ ସଦସ୍ୟଙ୍କ ସହିତ କେନ୍ଦୁଝର ରୋଟାରୀ କ୍ଲବ ଏବଂ ବଡବିଲ ରୋଟାରୀ କ୍ଲବର ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ରୋଟାରୀଆନ ବିକାଶ ରଞ୍ଜନ ମହାନ୍ତି, ରୋଟାରୀଆନ ଜିତେନ୍ଦ୍ର ବୈଦ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ବାମେବାରୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଯୋଡା ରୋଟାରୀ କ୍ଲବ ପକ୍ଷରୁ ପ୍ରଦାନ କରାଯାଥିବା ସ୍ୱଚ୍ଛ, ତଣ୍ଡା ପାନୀୟ ଜଳ ପ୍ରକଳ୍ପର ଗଭର୍ଣ୍ଣର ଶୁଭ ଉଦ୍‌ଘାଟନ କରିଥିଲେ। ଯୋଡା ରୋଟାରୀ କ୍ଲବର ଉନ୍ନୟନ ମୂଳକ କାର୍ଯ୍ୟକୁ ଗଭର୍ଣ୍ଣର ଉଚ୍ଚ ପ୍ରଶଂଶା କରିଥିଲେ।



## ସ୍କୁଟି ଉପରେ ମାଡିଗଲା ଟ୍ରକ୍; ଜଣେ ମୃତ

**କେନ୍ଦୁଝର,୬।୪(ସମିସ):** ଦୁର୍ଘଟଣା ସମୟର ଲୋମଟାଙ୍କୁରା ଦୃଶ୍ୟ ସିସିଟିଭିରେ ହେଲା କଏଦ। ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ଟାଙ୍ଗରାଣୀ ଗ୍ରାମର ରାହାସ ବ୍ରହ୍ମ ନିଜ ସ୍କୁଟିରେ ୨୦ ନମ୍ବର ଜାତୀୟ ରାଜପଥ ଦେଇ ନିଜ ଘରକୁ କେନ୍ଦୁଝର ଆଡୁ ଫେରୁଥିଲେ। ବନାଯୋଡି ଗାଁ ନିକଟରେ ପହଞ୍ଚିବା ସମୟରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ପ୍ରଥମେ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସେ ତଳେ ପଡିଯିବାରୁ ତାଙ୍କ ମୁଣ୍ଡ ଉପରେ ଟ୍ରକ ମାଡି ଯାଇଥିଲା। ଘଟଣାସ୍ଥଳରେ ହିଁ ରାହାସଙ୍କର ମୃତ୍ୟୁ ହୋଇଯାଇଥିଲା। ରାହାସଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ଦୁର୍ଘଟଣାର ସମସ୍ତ ଦୃଶ୍ୟ ରାସ୍ତା କଡ଼ରେ ଥିବା ଏକ ଦୋକାନର ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଟ୍ରକ୍ ଓ ଡ୍ରାଇଭରକୁ ପୁଲିସ ଅଟକ ରଖି ଘଟଣାର ତଦନ୍ତ କରୁଛି।

## ହତ୍ୟା ଉଦ୍ୟମ ଘଟଣାକୁ ବିତିଲା ୨୦ଦିନ, ଧରାପଡୁନି ଅଭିଯୁକ୍ତ

**ହାଟଡ଼ିହୀ,୬।୪(ସମିସ):** କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଜାମିତୀରା ଗ୍ରାମର ନାରାୟଣ ନାୟକଙ୍କ ପୁଅ ତପଧନ ନାୟକ ଗତମାସ ୧୩ ତାରିଖ ମଧ୍ୟାହ୍ନ ସମୟରେ ଗାଁ ନିକଟସ୍ଥ ବନ୍ତ ବଜାରରୁ ନିଜ ମୋଟର ସାଇକଲ ଯୋଗେ ଫେରିବା ସମୟରେ ପୂର୍ବରୁ ଜମିଜମା ସଂକ୍ରାନ୍ତକୁ କେନ୍ଦ୍ରକରି ଗଣ୍ଡଗୋଳ ଲାଗିଥିବା ଗ୍ରାମର ସ୍ୱର୍ଗତ ଦୁର୍ଯ୍ୟୋଧନ ନାୟକଙ୍କ ପୁଅ ସୁକାନ୍ତ ନାୟକ ଓ ସୁକାନ୍ତଙ୍କ ପତ୍ନୀ ଜାନୀ ନାୟକ ତପଧନକୁ ଅଟକାଇ ହଠାତ୍ ମାଡ଼ ମାରିବା ସହିତ ଏକ ଖଣ୍ଡାରେ ହାଣି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ପ୍ରବଳ ମାଡ଼ ସହ ଖଣ୍ଡା ଚୋଟରେ ଆହତ ହୋଇ ତପଧନ ନିଜ ଜୀବନ ବଞ୍ଚାଇ ସେଠାରୁ ଖସି ଯାଇଥିଲେ ସୁଦ୍ଧା ଗୁରୁତର ହେତୁ ପରିବାର ଲୋକେ ତାଙ୍କୁ ତୁରନ୍ତ ମେଡ଼ିକାଲ ନେଇ ଚିକିତ୍ସା କରାଇଥିଲେ। ସାମାନ୍ୟ ସୁସ୍ଥ ହୋଇ ୧୫ତାରିଖରେ ତପଧନ ନନ୍ଦିପଦା ଥାନାରେ ପହଞ୍ଚି ସୁକାନ୍ତ ଓ ଜାନୀ ନାୟକଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ୨୦ଦିନ ବିତିଥିଲେ ସୁଦ୍ଧା ଅଭିଯୁକ୍ତ ଦ୍ୱୟ ଏଯାଏଁ ଧରା ନପଡ଼ିବାରୁ ଅଭିଯୋଗକାରୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ ଅଭିଯୁକ୍ତଙ୍କୁ ଧରି ଉଚିତ୍ ତଦନ୍ତ କରିବା ସହ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ନିବେଦନ କରିଛନ୍ତି।

## ମୀନା ମାଝୀ ବିଜେଡି ପ୍ରାର୍ଥୀ



**କେନ୍ଦୁଝର,୬।୪(ସମିସ):** ବିଜେଡିର କେନ୍ଦୁଝର ବିଧାୟକ ପ୍ରାର୍ଥୀ ଭାବେ ମୀନା ମାଝୀଙ୍କ ନାମ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ମୀନା ମାଝୀ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ଥିଲେ। ସେ ଜଣେ ସମାଜସେବୀ ତଥା ଜିଲ୍ଲା ବିଜେଡିର ଜଣାଶୁଣା ନାରୀନେତ୍ରୀ ଅଟନ୍ତି। ପୂର୍ବରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ଥିଲେ। କେନ୍ଦୁଝର ସହରର ଧୋବାଡିହାରେ ରହୁଥିବା ମୀନା ମାଝୀ ଅନୁସୂଚିତ ଜନଜାତି ସାନ୍ତାଳୀ ବର୍ଗର ହୋଇଥିବା ବେଳେ ଜିଲ୍ଲାରେ ଲକ୍ଷାଧିକ ସାନ୍ତାଳୀ ଭୋଟର ରହିଛନ୍ତି।

## ରଘୁନାଥ ମାହାତୋଙ୍କ ୨୪୬ତମ ସହିଦ ଦିବସ



**ପାଟଣା,୬।୪(ସମିସ):** କୁଡୁମୀ ଜାତିର ମହାନାୟକ ସହିଦ ରଘୁନାଥ ମାହାତୋଙ୍କ ୨୪୬ ତମ ସହିଦ ଦିବସ ପାଳିତ ହୋଇଯାଇଛି। ପାଟଣା ଥାନା ଅନ୍ତର୍ଗତ କପୁଣ୍ଡି ପଞ୍ଚାୟତ ଧାନବେଣୀ ଗ୍ରାମ ବୈତରଣୀ ନଦୀ କୂଳେ ଥିବା ସହିଦ ରଘୁନାଥ ମାହାତୋଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଜଙ୍ଗଲ ଘେରା ଅଞ୍ଚଳରେ ବସବାସ କରୁଥିବା କୁଡୁମୀ ଜାତିର ଲୋକଙ୍କ ଉପରେ ଇଂରେଜ ସରକାର ବିଭିନ୍ନ ପ୍ରକାରର କର ଲଗାଇ ଜୋର ଜୁଲୁମ କରି ଆଦାୟ କରିଥିଲେ। ଏହି କରକୁ କୁଡୁମୀ ନେତା ରଘୁନାଥ ମାହାତୋ ଘୋର ବିରୋଧ କରିଥିଲେ। ଗ୍ରାମେ ଗ୍ରାମେ ଯାଇ ଲୋକଙ୍କୁ ସଚେତନ କରି ଇଂରେଜ ସରକାରଙ୍କ ଏହି କରକୁ ନଦେବା ପାଇଁ କହିଥିଲେ। ୧୭୭୮ ମସିହା ଏପ୍ରିଲ ୫ ତାରିଖରେ ରାଞ୍ଚି ଠାରେ ଜଙ୍ଗଲ ମଧ୍ୟରେ ଏକ ଗୁପ୍ତ ବୈଠକ କରୁଥିବା ବେଳେ ଇଂରେଜ ସରକାରଙ୍କ ପୁଲିସ ଅଚାନକ ଚଢ଼ଉ କରି ଗୁଳିକରି ରଘୁନାଥ ମାହାତୋଙ୍କୁ ହତ୍ୟା କରିଥିଲେ। ସେହି ଦିନଟିକୁ କୁଡୁମୀ ଜାତି ସହିଦ ଦିବସ ଭାବେ ପାଳନ କରିଆସୁଛି। ଆଜିର ଏହି ସହିଦ ଦିବସ କାର୍ଯ୍ୟକ୍ରମ ଓଡ଼ିଶା କୁଡୁମୀସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା କୁଡୁମୀସେନା ରାଜ୍ୟ ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ, ମୟୂରଭଞ୍ଜ ଜିଲ୍ଲା କୁଡୁମୀସେନା ମିଡ଼ିଆସେଲ ପ୍ରମୁଖ ଡମ୍ବରୁଧର ମହାନ୍ତ, ପାଟଣା ବ୍ଲକ କୁଡୁମୀସେନା ସମ୍ପାଦକ ତ୍ରିନାଥ ମହାନ୍ତ, ବ୍ଲକ ମିଡ଼ିଆସେଲ ପ୍ରମୁଖ କିଶୋର ଚନ୍ଦ୍ର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସମିତି ସଭ୍ୟା ସଂଜୁଲତା ମହାନ୍ତ, କୁଡୁମୀ ସମାଜର ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ମହାନ୍ତ, ହରିହର ମହାନ୍ତ, କାଳିଆ ମହାନ୍ତ, ବାବୁଲି ମହାନ୍ତ, ବଳରାମ ମହାନ୍ତ, ଭୁତ ମହାନ୍ତଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସହିଦ ରଘୁନାଥ ମାହାତୋଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସବୁଦିନିଆ ରାସ୍ତା ନଥିବାରୁ ବନବାସୀ ହନ୍ତସନ୍ତ

ଆନନ୍ଦପୁର,୬।୪(ସମିସ)





ଗାଁକୁ ଭଲ ରାସ୍ତା ନଥିବା ବେଳେ ବିଦ୍ୟୁତ, ଆଲୋକ, ପାନୀୟ ଜଳ ସୁବିଧା ନାହିଁ। ଏଭଳି ସମସ୍ୟା ଓ ଦୟନୀୟ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କେ. ବାଲିପାଳ ପଞ୍ଚାୟତରେ। ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସ୍ଥାନୀୟ ସରପନଚ କହିଛନ୍ତି। ଏହି ପଞ୍ଚାୟତରେ ଶତକଡା ୯୫ ଭାଗ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରିଥାନ୍ତି। ମଲିପଶି, ସରମୁଣ୍ଡି, ରାଇଘାଟି-୧, ରାଇଘାଟି-୨, ମୟୂରନଚା, କେ. ବାଲିପାଳ, ଭଅଁରା, ତଅଁଳ, ସିଆଡିମାଳିଆ ପ୍ରଭୃତି ୮ଟି ଗ୍ରାମରେ ପ୍ରାୟ ଏକ ହଜାର ବନବାସୀ ପରିବାର ବସବାସ କରୁଥିଲେ ମଧ୍ୟ ସୁବିଧା ସୁଯୋଗ ଅପହଞ୍ଚ ହୋଇପଡିଛି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ରାଇଘାଟି ପ୍ରାୟ ୭ କିମି ଦୂରରେ ଅବସ୍ଥିତ। ରାଇଘାଟିକୁ ଯିବା ପାଇଁ ଛତରା ଘାଟି ଦେଇ ଯିବାକୁ ପଡୁଥିବା ବେଳେ ଘାଟିରେ ଯାନବାହନ ଚଳାଚଳ କଷ୍ଟ ହୋଇଥାଏ। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଓ ରାସନ ସାମଗ୍ରୀ ବୋଝେଇ ଗାଡ଼ି ଘାଟି ଚଢିପାରୁନଥିବାରୁ ଏହି ଅଞ୍ଚଳବାସୀଙ୍କୁ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପକ୍ଷରେ ୫ଜି ନେଟ୍‌ୱର୍କ ସେବା ଉପଲବ୍ଧ ହେଉଥିବା ବେଳେ ରାଇଘାଟି, ମୟୂରନଚା, ଭଅଁରା ଓ କେ.ବାଲିପାଳ ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ଆସୁନଥିବାରୁ ଏହି ଅଞ୍ଚଳବାସୀ ଆପତ୍ତକାଳୀନ ପରିସ୍ଥିତିରେ ଜରୁରୀକାଳୀନ ସେବା ପାଉନଥିବାରୁ ମୃତ୍ୟୁମୁଖରେ ପଡୁଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ତଅଁଳକୁ ବ୍ୟତିତ ଅନ୍ୟ ୭ଟି ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଏପରିକି ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ବିଭିନ୍ନ କାର୍ଯ୍ୟରେ ବାଧା ଉପୁଜୁଛି। ସ୍ୱାସ୍ଥ୍ୟ ସେବା ପାଇଁ ରାଇଘାଟିରେ ଗୋଟିଏ ଏଏନ୍‌ଏମ୍ ସେଣ୍ଟର ଥିବା ବେଳେ ଆବଶ୍ୟକ ସୁବିଧା ନଥିବାରୁ ଲୋକେ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି। ସେହିପରି ସାଳନ୍ଦୀ ନଦୀ ଅପରପାଶ୍ୱର୍ରେ ଥିବା ମଲିପଶି ଏବଂ ସରମୁଣ୍ଡି ଗ୍ରାମକୁ ରାସ୍ତା ନଥିବାରୁ ଜଙ୍ଗଲ ରାସ୍ତା ଦେଇ ଯାତାୟତ କରିବାକୁ ପଡୁଛି। ଉକ୍ତ ଦୁଇ ଗ୍ରାମରେ ଲୋକଙ୍କ ଜଙ୍ଗଲ ଜମି ପଟା ମିଳିନଥିବାରୁ ସ୍ଥାନୀୟ ଲୋକେ ସରକାରୀ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ରାଇଘାଟି, ମୟୂରନଚା ଗ୍ରାମକୁ ପାଇପ ବିଛା ଯାଇଥିଲେ ହେଁ ପାଣି ଯୋଗାଣ ହୋଇପାରିନାହିଁ। ଏଣୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅବହେଳିତ ପଞ୍ଚାୟତ ସମସ୍ୟାର ସମାଧାନ ଦିଗରେ ଆବଶକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

